## ସଂକ୍ଷେପରେ

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ଜଳିଗଲା

ଭୁବନେଶ୍ୱର,୨୪।୯ (ସୂର୍ଯ୍ୟକାନ୍ତ ବେହେରା): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲ ପରିସରରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଜଳିଯାଇଛି। ଖବର ପାଇବା ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ତୁରନ୍ତ ଲାଇନ କଟାଯାଇଥିଲା। ଚନ୍ଦ୍ରଶେଖରପୁର ଅଗ୍ନିଶମ ଯବାନ ଘଟଣାସ୍ଥଳରେ ପହଞ୍ଚି ଜଳୁଥିବା ଟ୍ରାନ୍ସଫର୍ମର ଉପରେ ପ୍ରଥମେ ନିଆଁଲିଭା ଗ୍ୟାସ ଓ ପରେ ପାଣିପକାଇ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର ସ୍ପଷ୍ଟ କାରଣ ଜଣାପଡିନାହିଁ ।

### ଜଙ୍ଗଲ ପୋଖରୀରୁ ମହିଳାଙ୍କ ମୃତଦେହ ଜବତ

ପୁରୀ,୨୪।୯(ଅଜିତ୍ ମହାନ୍ତି): ତାଳବଣିଆ ଥାନା ଅନ୍ତର୍ଗତ ଭୂଦାନ ଜଙ୍ଗଲ ଭିତରେ ଥିବା ଏକ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତେବେ ମୃତ ମହିଳାଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳାଙ୍କୁ କେହି ହତ୍ୟା କରି ଉକ୍ତ ପୋଖରୀରେ ଫିଙ୍ଗିଦେଇଯାଇଥିବା ନେଇ ଜନସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ରବିବାର ଭୂଦାନ ଜଙ୍ଗଲକୁ କେତେଜଣ ଲୋକ ଯାଇଥିବା ବେଳେ ସେଠାରେ ଥିବା ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହକୁ ଉଦ୍ଧାର କରି କୂଳକୁ ଆଣିଥିଲା। ମୃତଦେହ ଜଣେ ମହିଳାଙ୍କର ବୋଲି ଜଣାପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଖବରପାଇ ସିଟି ଡିଏସ୍‌ପିଙ୍କ ସହ ତାଳବଣିଆ ଥାନା ଅଧିକାରୀ ଏବଂ ସମୁଦ୍ରକୂଳ ଥାନା ଅଧିକାରୀ ପହଞ୍ଚି ମୃତଦେହ କାହାର, ଏହା କିପରି ପୋଖରୀକୁ ଆସିଲା ଏବଂ ମହିଳାଙ୍କ ମୃତ୍ୟୁ କିପରି ଘଟିଲା ଆଦି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାର ତଦନ୍ତ ସରିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ୫ ବର୍ଷରେ କୁଆଖାଇରେ ଗଲାଣି ୫୦ ଜୀବନ

ବାଲକାଟୀ,୨୪।୯(ମନୋଜ ମଣ୍ଡଳ)

ରାଜଧାନୀ ଉପକଣ୍ଠ କୁଆଖାଇ (ଟଙ୍କପାଣି ଠାରୁ ବାଲିଅନ୍ତା ପର୍ଯ୍ୟନ୍ତ) ନଦୀରେ ବୁଡ଼ି ଗତ ୫ବର୍ଷ ମଧ୍ୟରେ ୫୦ଜଣଙ୍କ ଜୀବନ ଯାଇଛି। ଫଳରେ ଏନେଇ ନଦୀପଠାର ଅଲାରପୁର, ଭଇଁଚୁଆ, କଣ୍ଟାଗୋଠ ଏବଂ ଧବଳାହାରଠାରେ ବାଲିଅନ୍ତା ଥାନା ପୋଲିସ ପକ୍ଷରୁ ସତର୍କ ସୂଚନା ଫଳକ ଲଗାଯାଇଛି। ଗତ ମେ’ ୨୮ରେ ଏହି ନଦୀରେ ବୁଡ଼ି ୩ଜଣ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଛି। ସେହିପରି ଗତ ଜୁଲାଇ ୧୧ରେ ନଦୀରେ ବୁଡ଼ି ୪ଜଣ ଏମ୍‌ବିଏ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହିପରି ଗତ ୫ବର୍ଷରେ ମୋଟ୍ ୫୦ଜଣଙ୍କ ଜୀବନ ଯାଇଛି। ଏହି ନଦୀର ଗଭୀର ଓ ଗଭୀରତା ମଧ୍ୟରେ ଅସମାନତା ଥିବାରୁ ଗାଧୋଇବାକୁ କିମ୍ବା ଶୌଚପାଇଁ ଯିବାକୁ ବାରଣ କରାଯାଇଛି। ଏପରିକି ନଦୀପଠାରେ ଥିବା ଜଙ୍ଗଲରେ ଭୋଜିଭାତ କରନ୍ତୁ ନାହିଁ। ନଦୀପଠାକୁ ଆସି କୌଣସି ନିଶା ସେବନ କରନ୍ତୁ ନାହିଁ। କୌଣସି ଅଘଟଣ ଦେଖିଲେ ତୁରନ୍ତ ସ୍ଥାନୀୟ ପୋଲିସଙ୍କୁ ଜଣାଇବାକୁ ସୂଚନାଫଳକରେ ଉଲ୍ଲେଖ ରହିଛି। ପୋଲିସର ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

### ନଦୀ ପଠାରେ ଲାଗିଲା ସତର୍କ ସୂଚନାଫଳକ




### କୁଆଖାଇରୁ ନାବାଳକଙ୍କ ମୃତଦେହ ଜବତ

ବାରଙ୍ଗ,୨୪।୯(ଲିଙ୍ଗରାଜ ରାଉତ)

ମଞ୍ଚେଶ୍ୱର ଥାନା ଅଧୀନ ଜରିପାଟଣା ଗ୍ରାମ ନିକଟ କୁଆଖାଇ ନଦୀରେ ଭାସୁଥିବା ଜଣେ ନାବାଳକଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ବରିମୁଣ୍ଡ ଗ୍ରାମ ଭୂୟାଁସାହିର ନିବାସ ଭୂୟାଁ(୧୭)। ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ନିବାସ ଶୌଚ ପାଇଁ ଗାଁମୁଣ୍ଡ କୁଆଖାଇ ନଦୀକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ରବିବାର ସକାଳେ ନିବାସଙ୍କ ମୋବାଇଲ ଓ ପ୍ୟାଣ୍ଟ ନଦୀକୂଳ ବାଲି ଉପରୁ ପରିବାର ଲୋକ ପାଇଥିଲେ। ଏହାର କିଛି ସମୟ ପରେ ଜରିପାଟଣା ଗ୍ରାମ ନିକଟ କୁଆଖାଇ ନଦୀରେ ଏକ ମୃତଦେହ ଭାସୁଥିବା ଖବରପାଇ ପରିବାର ଲୋକେ ପହଞ୍ଚି ନିବାସଙ୍କ ମୃତଦେହ ଚିହ୍ନଟ କରିଥିଲେ। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# କଂକ୍ରିଟ୍ ଗାର୍ଡ ୱାଲ୍ ଭାଙ୍ଗି ଖାଲକୁ ଖସିଲା କାର, ୪ ଆହତ



ଭୁବନେଶ୍ୱର,୨୪।୯ (ସୂର୍ଯ୍ୟକାନ୍ତ ବେହେରା): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ପାହାଡ ତଳେ ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଯାଉଥିବା ଏକ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାର କଂକ୍ରିଟ୍ ଗାର୍ଡ ୱାଲ୍ ଭାଙ୍ଗି ତଳକୁ ଖସିପଡିବାରୁ ସେଥିରେ ଥିବା ୪ଜଣ ଆହତ ହୋଇଛନ୍ତି। ଏଥିସହ କାର୍‌ଟି ଭାଙ୍ଗିରୁଜି ଯାଇଛି। ତେବେ ଆହତଙ୍କ ପରିଚୟ ନ ଥିବାବେଳେ କେତେଜଣ ଯୁବତୀ ରହିଥିବା ଜଣାପଡିଛି। ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ସମସ୍ତ ଆହତଙ୍କୁ ଗାଡି ଭିତରୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ଚାଳକ ଓ ବସିଥିବା ଯୁବତୀଯୁବକ ପ୍ରଚୁର ମଦ୍ୟପାନ କରିଥିବା ସେମାନେ କହିଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହ ଆହତଙ୍କ ପରିଚୟ ଜାଣିବାକୁ ଉଦ୍ୟମ ଚଳାଇଛି। ଏନେଇ ଥାନାରେ କୌଣସି ରିପୋର୍ଟ ହୋଇ ନ ଥିବା ପୋଲିସ କହିଛି।

# ଅହୋରାତ୍ର ଧାରଣାରେ ଅଧ୍ୟାପିକା ଅଧ୍ୟାପକ



ଲୋୟର ପିଏମ୍‌ଜିରେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକମାନେ ଧାରଣା ଦେଉଛନ୍ତି।

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ଓଡ଼ିଶାର ସମସ୍ତ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନଗୁଡିକର ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଦୁଇମାସରୁ ଅଧିକ

### ୩୦ରେ ମହାସମାବେଶ

ସମୟ ଧରି ଆନ୍ଦୋଳନ ଚଳାଇଛନ୍ତି। ଏକମାତ୍ର ଦାବି ସରକାରୀ ଅନୁଦାନ ନୀତି (ଜିଆଇଏ) ଲାଗୁ କରିବା ପାଇଁ ୩୫୦୦ ଅଧ୍ୟାପିକା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ଗାନ୍ଧୀମାର୍ଗରେ ଶାନ୍ତିପୂର୍ଣ୍ଣ ଭାବରେ ଅହୋରାତ୍ର ଧାରଣା ଦେଇଛନ୍ତି। ଏହାସହିତ ୩ଥର ମହାସମାବେଶ କରି ଏବଂ ବିଭିନ୍ନ ଉପାୟରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କୌଣସି ଦାବି ପୂରଣ ହେଉ ନ ଥିବାରୁ ରାଜ୍ୟ ସଭାପତି ଡ. ଦେବ ବିଜୟ ମିଶ୍ର କ୍ଷୋଭ ପ୍ରକାଶ କହିଛନ୍ତି। ୩ଦିନ ମଧ୍ୟରେ ସରକାର ଦାବି ପୂରଣ ନ କଲେ ଆସନ୍ତା ୩୦ ତାରିଖରେ ମହାସମାବେଶ ଆୟୋଜନ କରାଯିବ ବୋଲି ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି।

# କ୍ଲବ ଗୃହ ଉଦ୍‌ଘାଟନକୁ ନେଇ ବିଧାୟକଙ୍କୁ ବିରୋଧ

ଗୋପ,୨୪।୯(ଭାରତୀ ଭୂଷଣ ଉପାଧ୍ୟାୟ): ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଦପୁର ପଞ୍ଚାୟତର ବେଦପୁର ଗ୍ରାମରେ ନିର୍ମାଣ ହୋଇଥିବା କ୍ଲବ ଗୃହ ଉଦ୍‌ଘାଟନ କରିବାକୁ ଯାଇଥିବା ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ବିରୋଧ କରାଯାଇଛି। ଏପରିକି ଗ୍ରାମର କେତେଜଣ ଯୁବକ, ଭାଜପା ଓ କଂଗ୍ରେସ କର୍ମୀମାନେ କଳାପତାକା ପ୍ରଦର୍ଶନ କରିବା ସହ କୁଶପୁତ୍ତଳିକା ଦାହ କରିଥିଲେ। ପ୍ରକାଶ ଯେ, ବେଦପୁର ଗ୍ରାମରେ କ୍ଲବ ଗୃହ ନିର୍ମାଣକୁ ନେଇ ଦୁଇ ଯୁବଗୋଷ୍ଠୀ ମଧ୍ୟରେ କନ୍ଦଳ ଲାଗି ରହିଥିଲା। ଗ୍ରାମରେ ହୋଇଥିବା ଦୁଇଟି କ୍ଲବ ଗୃହ ଉଦ୍‌ଘାଟନ କରିବାକୁ ରବିବାର ବିଧାୟକ ଦାଶଙ୍କ କାର୍ଯ୍ୟକ୍ରମ ରହିଥିଲା। ତେବେ ଗ୍ରାମ ନିକଟରେ ପହଞ୍ଚିବା ପରେ ଗ୍ରାମର କେତେଜଣ ଯୁବକ, ଭାଜପା କର୍ମୀମାନେ ବିରୋଧ କରିବା ସହ କଳାପତାକା ପ୍ରଦର୍ଶନ କରିଥିଲେ। ଏପରିକି ବିଧାୟକଙ୍କ କୁଶପୁତ୍ତଳିକା ଦାହ ମଧ୍ୟ କରିଥିଲେ। ପୋଲିସ ପହଞ୍ଚି ଯୁବକମାନଙ୍କୁ ବୁଝାଶୁଝା କରିବା ସହ ଅଟକାଇବା ପରେ ବିଧାୟକ ଦାଶ କ୍ଲବ ଗୃହ ଉଦ୍‌ଘାଟନ କରିଥିବା ଜଣାପଡ଼ିଛି।

# ବର୍ଷା ପରେ ଭିଏସ୍‌ଏସ୍ ନଗର ମୁଖ୍ୟ ରାସ୍ତା ନିର୍ମାଣ


ବୈଠକରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ବିମଳ ଦାସ, ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ଓ ଅନ୍ୟମାନେ।

ଭୁବନେଶ୍ୱର, ୨୪।୯ (ବନ୍ଦନା ସେଠୀ)

ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ସମିତି ବୈଠକ ରବିବାର ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ବିମଳ ଦାସ ଯୋଗଦେଇ ବର୍ଷା କମିଲେ ଭିଏସଏସ ନଗର ମୁଖ୍ୟ ରାସ୍ତା ନିର୍ମାଣ ହେବା ନେଇ କହିଥିଲେ। ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି, ୱାଡ ଅଫିସର ଏସ. କେ. ଆବେଦିନ ଓ ସାନିଟାରୀ ଇନିସ୍ପେକ୍ଟର ପୌମେନ୍ଦ୍ର ପ୍ରଧାନ ଯୋଗଦେଇ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ରାସ୍ତା ନିର୍ମାଣ, ସ୍ୱେରେଜ ନିର୍ମାଣ, ଅଳିଆ, ଷ୍ଟ୍ରିଟ୍‌ଲାଇଟ, ସୈନିକ ସ୍କୁଲ ପାଖ ଅଳିଆ ଗଦାରୁ ଆସୁଥିବା ଦୁର୍ଗନ୍ଧ ଭଳି ବହୁ ସମସ୍ୟା ସମାଧାନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଦୁର୍ଗାପୂଜା ପୂର୍ବରୁ ଏ ସମସ୍ତ କାମ ଶେଷ କରିବା ପାଇଁ ବୈଠକରେ ଦାବି ହୋଇଥିଲା। ପରିଷଦର ସଭାପତି କୃପାସିନ୍ଧୁ ସାହୁ ଏଥିରେ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ, ଉପସଭାପତି ଡ. ଜୟନ୍ତ ପରିଡା, ଯୁଗ୍ମ-ସମ୍ପାଦକ ଧରଣୀଧର ରାଉତ, ନିମାଇଁ ଚରଣ ଦାସ, ରାମଚନ୍ଦ୍ର ସାମଲ, ଚିନ୍ତାମଣି ବାରିକ ପ୍ରମୁଖ ଯୋଗଦେଇ ଥିଲେ।

### ଶ୍ରୀମନ୍ଦିର ପ୍ରଶାସନ -ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବ

# ଧାର୍ଯ୍ୟ ସମୟରେ ହୋଇପାରୁନି ବନକଲାଗି

ପୁରୀ, ୨୪।୯(ଅଜିତ ମହାନ୍ତି) : ମହାପ୍ରଭୁଙ୍କ ନୀତିକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବ ପୁଣି ସାମ୍ନାକୁ ଆସିଛି। ଯେତେ ନିଜକୁ ସଜାଡ଼ିବାରେ ଲାଗିଲେ ବି ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟ ପଦାରେ ପଡୁଛି। ସମସ୍ତ ପରମ୍ପରାକୁ ଦଳିମକଚି ଶ୍ରୀମନ୍ଦିରରେ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ଚାହୁଁଥିବା ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ମହାପ୍ରଭୁଙ୍କ ବନକଲାଗି ନୀତି କରିବାକୁ ଭକ୍ତମାନଙ୍କ ପକ୍ଷରୁ ଦାବି କରାଯାଇଛି।

ଚଳିତ ବର୍ଷ ଘୋଷଯାତ୍ରା ପରେ ଦଇତାପତି ସେବକ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ବିବାଦ ଯୋଗୁ ଏକମାସରୁ ଊର୍ଦ୍ଧ୍ୱ ଧରି ମହାପ୍ରଭୁଙ୍କ ଶ୍ରୀମୁଖଶୃଙ୍ଗାର ବନ୍ଦ ରହିଥିଲା। ବିବାଦ ସମାଧାନ ପରେ ମହାପ୍ରଭୁଙ୍କ ବନକଲାଗି ମାସକୁ ଦୁଇଥର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏବେ ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ ସମୟ ହେବ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବନ୍ଦ ରହିଛି। ଏହାକୁ ନେଇ ଜଗନ୍ନାଥପ୍ରେମୀ, ସେବାୟତ, ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମହାପ୍ରଭୁଙ୍କୁ ନେଇ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ ସବୁବେଳେ ସମ୍ବେଦନଶୀଳ ବୋଲି କହୁଥିବାବେଳେ ଏବେ ଶ୍ରୀବିଗ୍ରହ ଶ୍ରୀମୁଖ ପ୍ରତି ବିପଦ ପୁଣି ଦେଖାଦେଇଛି। ଏକମାସ ହେବ ମହାପ୍ରଭୁଙ୍କ ବନକଲାଗି ନୀତି ବା ଶ୍ରୀମୁଖ ଶୃଙ୍ଗାର ନୀତି ହୋଇନାହିଁ। ପୂର୍ବରୁ ବନକଲାଗି ନୀତି ସମ୍ପନ୍ନ କରୁଥିବା ଦଇତାପତି ସେବକ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଦୀର୍ଘଦିନ ବିବାଦ ଦେଖାଦେଇଥିବା ବେଳେ ମାସକୁ କେବଳ ଦୁଇଥର ବନକଲାଗି ନୀତି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା। ବୁଧବାର ବନକଲାଗି ହେବ ନା ଗୁରୁବାର ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ଓ ଦଇତାପାପାତ୍ର ସେବକଙ୍କ ମଧ୍ୟରେ ବିବାଦ ଦେଖାଦେଇଥିବା ବେଳେ ବୁଧବାର ବନକଲାଗି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା। କିନ୍ତୁ ଏବେ ଦୀର୍ଘ ଏକମାସ ହେବ ମହାପ୍ରଭୁଙ୍କ ବନକଲାଗି ନୀତି ନ ହେବା ଯୋଗୁ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ମଳିନ ପଡିଲାଣି। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ଏବେ ଅନେକ ନୀତି ଚାଲିଥିବାରୁ ବନକଲାଗି ନୀତି ହେଉନାହିଁ ବୋଲି ଦଇତା ମହାପାତ୍ର ସେବକ କହିଛନ୍ତି। ତେବେ ଆଗାମୀ ଦିନରେ ନୀତି ନିର୍ଦ୍ଧାରିତ ସମୟରେ ହେବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏସମ୍ପର୍କରେ ଗାରଦରୁ ଚିଠି ଆସିବ ବୋଲି ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶେଷଥର ପାଇଁ ଅଗଷ୍ଟ ୨୩ରେ ମହାପ୍ରଭୁଙ୍କ ବନକଲାଗି ନୀତି ହୋଇଥିଲା।



ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖରପୁର ଶାଖା ପକ୍ଷରୁ ରବିବାର ଭୁବନେଶ୍ୱର ଓଡିଏମ୍ ସ୍କୁଲ୍‌ଠାରେ ଆୟୋଜିତ ଜାତୀୟ ବୃନ୍ଦଗାନ ପ୍ରତିଯୋଗିତାରେ ପିଲାମାନେ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# ‘ସାହିତ୍ୟିକ ଆନୁଷ୍ଠାନିକ ଶିକ୍ଷାରୁ ଊର୍ଦ୍ଧ୍ୱରେ’

### ପ୍ରଫେସର ଆଦିକନ୍ଦ ସାହୁଙ୍କ ତିନୋଟି ପୁସ୍ତକ ଲୋକାର୍ପିତ




ବାଲିପାଟଣା,୨୪।୯(ଅଭିମନ୍ୟୁ ନାୟକ): ପ୍ରଫେସର ଆଦିକନ୍ଦ ସାହୁଙ୍କ ତିନୋଟି ପୁସ୍ତକ ‘ସ୍ମୃତି ସେଇ ଏକଲା ମଣିଷର’, ‘ନିଜ ନିବନ୍ଧ’ ଏବଂ ସାହିତ୍ୟ ଓ ସୌନ୍ଦର୍ଯ୍ୟର ପୃଥିବୀ ରବିବାର ଲୋକାର୍ପିତ ହୋଇଯାଇଛି। ଏଥିରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନ ଅତିଥିଭାବେ ଯୋଗଦେଇ କହିଥିଲେ, ସାହିତ୍ୟିକ ଆନୁଷ୍ଠାନିକ ଶିକ୍ଷାରୁ ଊର୍ଦ୍ଧ୍ୱରେ। ନିର୍ଭିକତା ବିନା ସାହିତ୍ୟ ସାଧନା ଅସମ୍ଭବ ବୋଲି ସେ କହିଥିଲେ। ସେହିପରି ବରିଷ୍ଠ ସାହିତ୍ୟିକ ରାଜେନ୍ଦ୍ର ପଣ୍ଡା କହିଥିଲେ, ଆଦିକନ୍ଦ ସାହୁଙ୍କ ସାହିତ୍ୟରେ ନିର୍ଭେଜାଲ ସାହିତ୍ୟର ନିଦର୍ଶନ ମିଳେ। ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ କହିଥିଲେ, କଲମର ଦମ ଲେଖକଙ୍କୁ ଲୋକଲୋଚନକୁ ଆଣେ। କଥାକାର ରାମ ଚନ୍ଦ୍ର ବେହେରା କହିଥିଲେ, ସମସ୍ୟା ଭିତରେ ରୁନ୍ଧି ହେଇ ସାହିତ୍ୟ ସାଧନା କଲେ ସୃଷ୍ଟି ରୁଦ୍ଧିମନ୍ତ ହୁଏ। ପ୍ରଫେସର ନୀଳାଦ୍ରି ଭୂଷଣ ଦାସ କହିଥିଲେ, ଲେଖକଙ୍କ ହୃଦୟ ସୁନ୍ଦର ହେଲେ ସୃଜନଶୀଳତାର ପରିସ୍ଫୁଟନ ହୁଏ। ଲେଖିକା ସବିତା ଦାସ ତାଙ୍କ ମତ ରଖି କହିଲେ ପ୍ରଫେସର ଆଦିକନ୍ଦ ସାହୁଙ୍କ ନିଷ୍କପଟ ସାହିତ୍ୟ ରଚନା କାଳଜୟୀ ହେଇ ରହିବ। ଏହି କାର୍ଯ୍ୟକ୍ରମକୁ ନାଟ୍ୟକାର ଚିନ୍ମୟୀ ଷଡ଼ଙ୍ଗୀ ପରିଚାଳନା କରିଥିଲେ।

# ‘ଉପଯୁକ୍ତ ମାର୍ଗଦର୍ଶନ ପାଇଁ ଭାଗବତ ଶ୍ରେଷ୍ଠ ମାଧ୍ୟମ’

ପୁରୀ,୨୪।୯(ଅଜିତ ମହାନ୍ତି)

ପଞ୍ଚସଖାଙ୍କ ମଧ୍ୟରେ ଅନନ୍ୟ ସଖା ତଥା ଭାଗବତ ପ୍ରଣେତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ଦୀର୍ଘ ପାଞ୍ଚଶହ ବର୍ଷ ଧରି ଭାରତରେ ଧର୍ମୀୟ ଜନଜାଗରଣ ସୃଷ୍ଟି ସହ ଶ୍ରୀଜଗନ୍ନାଥ ଓ ଉତ୍କଳୀୟ ସଂସ୍କୃତିକୁ ବିକଶିତ କରିଚାଲିଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି। ରବିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁରୀସ୍ଥିତ ସାତଲହଡ଼ି ମଠ ପରିସରରେ ‘ଓଡ଼ିଆ ଭାଗବତର ସର୍ବକାଳୀନ ଉପଯୋଗିତା’ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ମାନବ ଜୀବନକୁ ଉପଯୁକ୍ତ ମାର୍ଗଦର୍ଶନ ପାଇଁ ଭାଗବତ ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ। ଅତିବଡ଼ୀଙ୍କ ସାଧନା ଓ ସମାଧି ପୀଠ ସାତଲହଡ଼ି ମଠର ସୁରକ୍ଷା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ସେ ପ୍ରକାଶ କରିଥିଲେ।

ଓଡ଼ିଆ ସାହିତ୍ୟ ଏକାଡେମୀର

### ସାତଲହଡ଼ି ମଠର ସୁରକ୍ଷା ଲାଗି ସରକାର ସଂକଳ୍ପବଦ୍ଧ: ସଂସ୍କୃତି ମନ୍ତ୍ରୀ



ଆଲୋଚନାଚକ୍ରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଏବଂ ଅନ୍ୟ ଅତିଥିମାନେ।

ସଭାପତି କବି ଡ. ହୃଷୀକେଶ ମଲ୍ଲିକଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦିକା ଶୁଚିସ୍ମିତା ମନ୍ତ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସାରସ୍ୱତ ସମ୍ମାନରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଯୋଜନା ବୋର୍ଡର ପ୍ରାକ୍ତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସାହିତ୍ୟ-ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ ଆଲୋଚକ ଭାବେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର, କୃପାସିନ୍ଧୁ ମିଶ୍ର, ସୁମିତ୍ରା କୁମାରୀ ପଟ୍ଟନାୟକ ଯୋଗଦେଇ ଭାଗବତ ଓଡ଼ିଆ ଜାତିର ଧର୍ମୀୟ ଭାବନା ପାଇଁ ଏକ ସମ୍ବିଧାନ ସଦୃଶ ଏବଂ ଏହା ବର୍ଷ ପରେ ବର୍ଷ ମାନବ ଜାତିକୁ ନୀତି ଓ ଆଦର୍ଶ ପଥରେ ଯିବାକୁ ପ୍ରେରଣା ଦେଉଥିବ ବୋଲି କହିଥିଲେ।

ଅତିବଡ଼ୀଙ୍କ ଜୟନ୍ତୀ ସମାରୋହ ପରିପ୍ରେକ୍ଷୀରେ ପ୍ରାତଃ କାଳରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଗୀତିକାର ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଭବ୍ୟ ସଂକୀର୍ତ୍ତନ ପଦଯାତ୍ରା ସିଂହଦ୍ୱାର ଠାରୁ ବାହାରି ସାତଲହଡ଼ି ମଠରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଷ୍ଟାଲିନ ପରିଜା, ଅଧ୍ୟାପକ ବିଶ୍ୱନାଥ ମିଶ୍ର, କବି ବିପିନ୍ ଦଳାଇ, ପାଲାକାର ଜ୍ଞାନ କାନୁନ୍‌ଗୋ, ଜିଲା କଳା-ସଂସ୍କୃତି ସଂଘ ଉପସଭାପତି ବସନ୍ତ ପ୍ରଧାନ, ଜଟାଧାରୀ ମିଶ୍ର, ଏକାଡେମୀ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ପ୍ରମୁଖ ଯୋଗଦେଇଥିଲେ। ଚିନ୍ମୟ ମିଶ୍ର, କୈଳାସ ପାଣିଗ୍ରାହୀ, ଚକ୍ରଧର ମହାପାତ୍ର, ମଠକାଙ୍କୁଡ଼ାର ପ୍ରଭାକର ସାହୁ, କପିଳେଶ୍ୱରପୁରର ପ୍ରାକ୍ତନ ସରପଞ୍ଚ ଲଲାଟେନ୍ଦୁ ମହାନ୍ତି ଓ କବି ପ୍ରଶାନ୍ତ ତ୍ରିପାଠୀ, ପ୍ରଦୀପ୍ତ କୁମାର ଦାସଙ୍କ ସମେତ ବିଭିନ୍ନ କୀର୍ତ୍ତନ ଦଳ, ପାଲାକାର, କଳାକାର, ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସାତଲହଡ଼ି ମଠରେ ଭାଗବତ ପାଠ ପରେ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଶେଷରେ ଏକାଡେମୀର ଉପସଭାପତି କବି ଡ. ସଂଗ୍ରାମ ଜେନା ଧନ୍ୟବାଦ ଦେଇଥିଲେ।

## ରାସ୍ତାକଡ଼ରୁ ବିଦେଶୀ ମଦ ଜବତ: ଜଣେ ଗିରଫ

ସାଲେପୁର,(ଅରବିନ୍ଦ ଭୂୟାଁ): ସାଲେପୁର ପୋଲିସ୍ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ରାସ୍ତାକଡରେ ବିଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ନାଦେଇଗଡା ଅଞ୍ଚଳର ମନୋରଞ୍ଜନ ମହାନ୍ତି। ତାଙ୍କଠାରୁ ୩୮ ବୋତଲ ମଦ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୩୧୭/୨୩) ରୁଜୁ କରାଯାଇଛି।

## ସଂକ୍ଷେପରେ

### ମନ୍ଦିରରୁ ଡାକବାଜି ଯନ୍ତ୍ର ଚୋରି

କଟକ ସଦର, ୨୪।୯(ସୁଶାନ୍ତ କୁମାର ଜେନା): କିଶନନଗର ଥାନା ଅନ୍ତର୍ଗତ ବିଶ୍ୱାଳପଡ଼ାସ୍ଥିତ ହନୁମାନ ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଏକ ଡାକବାଜି ଯନ୍ତ୍ର ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କୌଣସି ଦୁର୍ବୃତ୍ତ ମନ୍ଦିରର ତାଲା ଭାଙ୍ଗି ଡାକବାଜି ଯନ୍ତ୍ରକୁ ଚୋରିକରି ନେଇଥିବା ସେଥିରେ ଦର୍ଶାଯାଇଛି। ମନ୍ଦିର କମିଟି ପକ୍ଷରୁ ଶନିବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ପାଇଥିବା ସୁନା କାନଫୁଲ ଫେରାଇଲେ ଅଣ୍ଡା ଦୋକାନୀ

କଣ୍ଟାପଡ଼ା, ୨୪।୯(ସୁରଣରଞ୍ଜନ ସାହୁ):



ଓଲଟପୁରସ୍ଥିତ ଏସ୍‌ଭି ନିରତାର ନିକଟରେ ଏକ ଉଠା ଅଣ୍ଡା ଦୋକାନୀ ଜଣେ ମହିଳାଙ୍କ ହଜିଯାଇଥିବା ସୁନା କାନଫୁଲକୁ ପାଇ ଫେରାଇଛନ୍ତି। ତାଙ୍କର ଏହି ମହାନତା ପାଇଁ ସରପଞ୍ଚ ନିର୍ମଳ ସାହୁଙ୍କ ସମେତ ସ୍ଥାନୀୟ ଲୋକେ ସାଧୁବାଦ ଜଣାଇଛନ୍ତି। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇର ସବିତା ସେଠୀ ଦିବ୍ୟାଙ୍ଗ ପୁଅଙ୍କ ଚିକିତ୍ସା ପାଇଁ ନିରତାରକୁ ଆସିଥିଲେ। ଶନିବାର ସବିତା ପୁଅ ପାଇଁ ଔଷଧ ଆଣିବାକୁ ନିକଟସ୍ଥ ଏକ ଔଷଧ ଦୋକାନକୁ ଆସିଥିଲେ। ଏହି ସମୟରେ ତାଙ୍କ ଗୋଟିଏ ସୁନା କାନଫୁଲ ଏକ ଅଣ୍ଡା ଦୋକାନ ନିକଟରେ ଖସିପଡ଼ିଥିଲା। ଅଣ୍ଡା ଦୋକାନୀ କଲିମୁଦ୍ଦିନ ସାହା ଓରଫ କାଳିଆ ଉକ୍ତ କାନଫୁଲକୁ ପାଇ ପାଖରେ ରଖିଥିଲେ। ରବିବାର ସବିତା କାନଫୁଲ ଖୋଜାଖୋଜି କରୁଥିବା ନେଇ କାଳିଆଙ୍କୁ ଖବର ମିଳିଥିଲା। ସେ ସଙ୍ଗେସଙ୍ଗେ ସବିତାଙ୍କ ପାଖରେ ପହଞ୍ଚି କାନଫୁଲ ଫେରାଇ ଦେଇଥିଲେ। କଲିମୁଦ୍ଦିନଙ୍କ ଘର ସ୍ଥାନୀୟ ଶିଶୁଆ ମୁସଲିମ ବସ୍ତିରେ ହୋଇଥିବାବେଳେ ସେ ଗରିବ ଶ୍ରେଣୀର। ଏହାସତ୍ତ୍ୱେ ସେ ପାଇଥିବା ସୁନା କାନଫୁଲକୁ ଫେରାଇଦେବା ଘଟଣା ତାଙ୍କ ସାଧୁତାର ପରିଚୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ଚିଦାନନ୍ଦ ସରସ୍ୱତୀଙ୍କ ୧୦୭ତମ ଜୟନ୍ତୀ

ଚୌଦ୍ୱାର,୨୪।୯(ଆଶୁତୋଷ ଦାସ): ଦିବ୍ୟ ଜୀବନ ସଂଘ ଚୌଦ୍ୱାର ଶାଖା ଆନୁକୂଲ୍ୟରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ୧୦୭ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି । କପିଳେଶ୍ୱରସ୍ଥିତ ଆଶ୍ରମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ଭାଗବତ ପ୍ରବାଚକ ଡ. କୃଷ୍ଣ କେଶବ ଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇ ଜୀବନରେ ଭାଗବତର ଆବଶ୍ୟକତା ଓ ଦିବ୍ୟ ଜୀବନଯାପନର ମାର୍ଗ ଉପରେ ଆଲୋଚନା କରିଥିଲେ। ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ନିଳାଦ୍ରୀ ମୋହନ ଶତପଥୀ ଓ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ସ୍ୱାମୀ ଚିଦାନନ୍ଦଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ସଂଘର ଚୌଦ୍ୱାର ଶାଖା ସଭାପତି ଅଦ୍ୱୈତ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଅଚ୍ୟୁତାନନ୍ଦ ପରିଡ଼ା, ରାମଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ମିଶ୍ର, ବିପ୍ର ଚରଣ ନାୟକ, ଶରତ କୁମାର ଖୁଣ୍ଟିଆ, ବିମଳ କୁମାର ବେଉରା, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ପ୍ରବନ୍ଧ,ବକ୍ତୃତା ପ୍ରତିଯୋଗିତା

ସାଲେପୁର,୨୪।୯(ଅରବିନ୍ଦ ଭୂୟାଁ) ଉତ୍କଳ ସାହିତ୍ୟ ସଂସ୍କୃତି ସଂଗଠନ ପକ୍ଷରୁ ବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ରାମକୃଷ୍ଣପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୫୦ରୁ ଅଧିକ ପ୍ରତିଯୋଗୀ ଯୋଗଦେଇଥିଲେ। ଏଥିରେ ବିଚାରକ ଭାବେ ସଞ୍ଜୟ କୁମାର ଷଡ଼ଙ୍ଗୀ, କ୍ଷୀରୋଦ ଚନ୍ଦ୍ର ଶତପଥୀ, ରାମକୃଷ୍ଣ ପାଣି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାଶ, ଆଶୁତୋଷ ଷଡ଼ଙ୍ଗୀ, ସଙ୍ଗଠନ ସଭାପତି ନରୋତ୍ତମ ଶତପଥୀ, ସମ୍ପାଦକ ବିଜୟ ଶତପଥୀ, ସହ ସମ୍ପାଦକ ଚନ୍ଦ୍ରମଣି ଭୂୟାଁ, ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଆଇନଜୀବୀ ରାଜୀବ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୂର୍ବ ଶତ୍ରୁତାରୁ ବୋମାମାଡ଼: ୩ ଗୁରୁତର

ତିଗିରିଆ,୨୪।୯(ଜାଫର ଖାଁ)





କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିବା ଶ୍ରୀନିବାସ ସାମଲ ଓ ନିଳିଆ ରାଉତ

ତିଗିରିଆ ଥାନା ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରେ ଏକ ରାଜନିତିକ ଦଳର ୨ ଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଛି। ରବିବାର ରାତି ପ୍ରାୟ୧୦ରେ ବୋମା ମାଡ଼ ହୋଇଛି। ଏଥିରେ ୩ ଜଣ ଗୁରୁତର ହୋଇଥିବା ତିଗିରିଆ ପୋଲିସ କହିଛି। ସେମାନେ ହେଲେ ଏହି ଗ୍ରାମର ଶ୍ରୀନିବାସ ସାମଲ (୩୪) ନିଳିଆ ରାଉତ (୨୮) ଓ ସାଗର ଗୋଚ୍ଛି (୩୨)। ଖବର ଅନୁଯାୟୀ, ବିଷ୍ଣୁପୁର ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ପୂର୍ବଶତ୍ରୁତା ଲାଗି ରହିଥିଲା। ଏନେଇ ବାରମ୍ବାର ଗଣ୍ଡଗୋଳ ହୋଇ କୋର୍ଟରେ ମାମଲା ବିଚାରାଧୀନ ରହିଛି। ରବିବାର ଖୁଦୁରୁକୁଣୀ ଶେଷ ପାଳିରେ ଗ୍ରାମ ମଧ୍ୟରେ ବାଣ ଫୁଟାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇଥିଲା। ଅନ୍ଧାରର ସୁଯୋଗ ନେଇ ଗୋଟିଏ ଗୋଷ୍ଠୀ ବୋମାମାଡ କରିବାରୁ ଅନ୍ୟ ଏକ ଗୋଷ୍ଠୀର ଶ୍ରୀନିବାସ, ନିଳିଆ ଓ ସାଗର ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶ୍ରୀନିବାସ ଓ ନିଳିଆଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବରପାଇ ତିଗିରିଆ ପୋଲିସ ଏଏସ୍ଆଇ ସନ୍ତୋଷ କୁମାର ପ୍ରଧାନ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି। ଖବର ଲେଖା ହେଲା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

# ସରପଞ୍ଚଙ୍କ ଏତଲା ପରିବର୍ତ୍ତନର ତଦନ୍ତ ଦାବି

**ବୋଧପୁର ପଞ୍ଚାୟତ କାର୍ଯ୍ୟାଳୟରେ ବୋମାମାଡ଼ ଘଟଣା**

କଟକ ସଦର, ୨୪।୯ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବୋଧପୁର ପଞ୍ଚାୟତ କାର୍ଯ୍ୟାଳୟରେ ବୋମାମାଡ଼ ଘଟଣାଟି ଭିନ୍ନ ମୋଡ଼ ନେଇଛି। ଏନେଇ କୌଣସି ସରକାରୀ ଅଧିକାରୀ କିମ୍ବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଥାନାରେ ଏତଲା ଦେଇ ନ ଥିବା ବେଳେ ସ୍ଥାନୀୟ ସରପଞ୍ଚ ଅବଦୁଲ୍ ୱାହିଦ ଖାଁଙ୍କ ଅଭିଯୋଗକ୍ରମେ କିଶନନଗର ଥାନାରେ ୧୪ ତାରିଖରେ ମାମଲା (ନଂ.୨୦୯/୨୩) ରୁଜୁ କରାଯାଇଛି। ଦଫା ୩୪୧,୨୯୪, ୩୨୩,୩୨୪,୫୦୬,୩୪ ଆଇ ପି ସି,(୯ – ଖ) ଭାରତୀୟ ବିସ୍ଫୋରଣ ଆଇନରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବାବେଳେ ସରପଞ୍ଚ ଖାଁ ଥାନାରେ ପହଞ୍ଚି ବୋମା ବଦଳରେ ତାଳଫୋଟକ ଫୁଟିଥିଲା ବୋଲି କହି ୪୮ ଘଣ୍ଟା ମଧ୍ୟରେ ଏହାର ଆପୋସ ସମାଧାନ କରିଦେଇଥିଲେ। ଏହାକୁ ପୋଲିସ ଗ୍ରହଣ କରି ନ ଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଅଭିଯୁକ୍ତମାନେ ଧରାପଡ଼ିନାହାନ୍ତି। ଏହି ଘଟଣାକୁ ଇତିମଧ୍ୟରେ ୧୦ ଦିନ ବିତିଯାଇଛି। ମାତ୍ର ବୋମାମାଡ଼ ଘଟଣାର ମୋଡ଼ ବଦଳିବାକୁ ସ୍ଥାନୀୟ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି ହେଉଛି। ମାମଲାଟି ଅଦ୍ୟାବଧି ତଦନ୍ତ ପରିସରଭୁକ୍ତ ରହିଛି ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି।

# କେନାଲରୁ ମିଳିଲା ବ୍ୟବସାୟୀଙ୍କ କ୍ଷତବିକ୍ଷତ ମୃତଦେହ

ନିଶ୍ଚିନ୍ତକୋଇଲି,୨୪।୯ (ଅଶୋକ କୁମାର ମହାପାତ୍ର)

- ହତ୍ୟା ଅଭିଯୋଗ ଆଣିଲେ ପରିବାର ସଦସ୍ୟ
- ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଜରିଆରେ ତଦନ୍ତ



ଦୋଳଗୋବିନ୍ଦ ଦାସ

ସାଲେପୁର ଥାନା ଅନ୍ତର୍ଗତ ଜିଗ୍ନିପୁର ବଳସାହି ଛକ ନିକଟ କେନାଲରୁ ଜଣେ ବ୍ୟବସାୟୀଙ୍କ କ୍ଷତବିକ୍ଷତ ମୃତଦେହ ମିଳିଛି। ସେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ଅନ୍ତର୍ଗତ ମାତକତପୁର ଗ୍ରାମର ଦୋଳଗୋବିନ୍ଦ ଦାସ(୬୦)। ସ୍ଥାନୀୟ ଲୋକେ ସକାଳେ ଉକ୍ତ କେନାଲରେ ତାଙ୍କୁ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ପରିବାର ସଦସ୍ୟ ପହଞ୍ଚି ପାଣିରୁ ଦୋଳଗୋବିନ୍ଦଙ୍କୁ ବାହାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷେ ଦୋଳଗୋବିନ୍ଦଙ୍କ ପୁତୁରା କମଳାକାନ୍ତ ସାଲେପୁର ଥାନାରେ ଦାଦାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ,ଦୋଳଗୋବିନ୍ଦଙ୍କ ଜହ୍ନିଆ ଛକରେ ଏକ ଗୋଡି ,ସିମେଣ୍ଟ,ରଡ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ଶନିବାର ରାତିରେ ସେ ସବୁଦିନ ପରି ଘରୁ ଖାଇବା ପରେ ରାତିରେ ଦୋକାନକୁ ଶୋଇବାକୁ ଯାଇଥିଲେ। ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି କେନାଲରେ ଫୋପାଡ଼ି ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୩୧୬/୨୩) ରୁଜୁ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏଥିସହ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରାଯାଇଛି। କେନାଲ ବନ୍ଧରେ ଥିବା ଦୋଳଗୋବିନ୍ଦଙ୍କ ଦୋକାନ ସମ୍ମୁଖରୁ ରକ୍ତଛିଟା ଓ ଚପଲ ମିଳିଛି। ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା ଓ ଅତିରିକ୍ତ ଏସ୍‌ପି କୃଷ୍ଣପ୍ରସାଦ ପଟ୍ଟନାୟକ ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିଲା।

### ରକ୍ତଦାନ ଶିବିର: ୫୧ ୟୁନିଟ୍ ସଂଗୃହୀତ

କଟକ ସଦର, ୨୪।୯(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦର ପୁରଠାରେ ରବିବାର ସରସ୍ୱତୀ କଳା ପରିଷଦ ଓ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ୱେଚ୍ଛାସେବୀମାନଙ୍କଠାରୁ ୫୧ ୟୁନିଟ ରକ୍ତ କେନ୍ଦ୍ରୀୟ ରକ୍ତଭଣ୍ଡାର କଟକ ଶାଖା ଦ୍ୱାରା ସଂଗ୍ରହ କରାଯାଇଛି। ଶିବିରକୁ ଟ୍ରଷ୍ଟର ପ୍ରତିଷ୍ଠାତା ଇଂ.ବିମଳ ଦାସ, ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ସୁରଜ ବେହେରା,ପରିଷଦର ସମ୍ପାଦକ ଗୁରୁ ଅଶୋକ କୁମାର ପଟ୍ଟନାୟକ, ସଭାପତି ପ୍ରତିଭା ଶତପଥୀ, ସାମାଜିକ କର୍ମୀ ପ୍ରଲୋପ ନାରାୟଣ ମହାପାତ୍ର, ବିକ୍ରମ କେଶରୀ ନନ୍ଦ, ଅଭିରାମ ସାହୁ, ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ, ଦୈତାରି ପ୍ରଧାନ,ରଶ୍ମିକାନ୍ତ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ ।

# ଜନସାଧାରଣଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ହେବ ଅମୃତ କଳସ ଯାତ୍ରା



ଅମୃତ କଳସ ଯାତ୍ରାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ କର୍ମୀମାନେ ।

ମଙ୍ଗୁଳି–ଜଗତପୁର,୨୪।୯(ମାନସ ସାମଲ)

**ମୋ ଦେଶ, ମୋ ମାଟି କାର୍ଯ୍ୟକ୍ରମ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାରା ଦେଶ ମାତୃ ସେବାରେ ନିଜ ଜୀବନକୁ ଜଳାଞ୍ଜଳି ଦେଇଥିବା ଯବାନଙ୍କ ଜନ୍ମ ସ୍ଥାନରୁ ମାଟି ସଂଗ୍ରହ କରାଯାଉଛି । ଏହି ପରିପେକ୍ଷୀରେ ଟାଙ୍ଗୀ–ସାଲେପୁର ଭାଜପା ପକ୍ଷରୁ ମୋ ଦେଶ ମୋ ମାଟି ଓ ଅମୃତ କଳସ ଯାତ୍ରା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । କଟକ ଜିଲା ଭାଜପା ସଭାପତି ତଥା ଟାଙ୍ଗୀ–ସାଲେପୁର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ରଙ୍କ ନେତୃତ୍ୱରେ ଏହି କଳସ ଯାତ୍ରାରେ ରାଜ୍ୟ ସଭାପତି ମନ ମୋହନ ସାମଲ ଯୋଗ ଦେଇ ଦେଶର ଏକତା ଓ ଅଖଣ୍ଡତା ପାଇଁ ଲଢ଼ି ଯେଉଁମାନେ ଶହୀଦ ହେଇଛନ୍ତି ସେମାନଙ୍କର ସ୍ମୃତି ଚିହ୍ନ ଦିଲ୍ଲୀ ଯିବ ବୋଲି କହିଥିଲେ। ଏହି ଅମୃତ କଳସ ଯାତ୍ରା ୧୪୦କୋଟି ଜନସାଧାରଣଙ୍କ ପ୍ରେରଣାର କେନ୍ଦ୍ର ବିନ୍ଦୁ ହେବ ବୋଲି ସାମଲ କହିଥିଲେ। ଏହି କଳସ ଯାତ୍ରା ଟାଙ୍ଗୀ ସାଲେପୁର ନିର୍ବାଚନ ମଣ୍ଡଳୀ ଅଧୀନ ଗୋପୀନାଥପୁର ବଳଦେବୀଜୀଉ ମନ୍ଦିରରୁ ବାହାରି ଉତ୍କଳ ଗୌରବ ମଧୁବାବୁ ପୀଠ ସତ୍ୟଭାମାପୁର, ପୁରୁଷୋତ୍ତମପୁର, ମହାଜନପୁର, ତ୍ରିଲୋଚନପୁର, କାଜିବଜାର ଦେଇ ପାଗାହାଟ ସ୍ଥିତ କାଳୀ ମନ୍ଦିରରେ ସମାପନ ହୋଇଥିଲା। ଏଥିରେ ରାମ ନାରାୟଣ ମହାନ୍ତି, ଦିଲୀପ ରାଉତ,ସମ୍ରାଟ କେଶରୀ ଲେଙ୍କା, ବିରାଜ ପ୍ରସାଦ ରାଉତ, ଅଜିତ ଭୂୟାଁ, ସରୋଜ କର, ଭାନୁ ତାପସ ନାୟକ, ଅମୂଲ୍ୟବେଉରା, ପ୍ରଦୀପ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ।

### ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସେବା ସପ୍ତାହ

କଟକ, ୨୪।୯(କାର୍ତ୍ତିକ ସାହୁ): ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୩ତମ ଜୟନ୍ତୀ ପାଳନ ଅବସରରେ ରବିବାର ସେବା ସପ୍ତାହ ପାଳିତ ହୋଇଯାଇଛି। ଆଶୁତୋଷ ଦାସଙ୍କ ନେତୃତ୍ୱରେ ତିନିକୋଣିଆ ବଗିଚାସ୍ଥିତ କର ପ୍ୟାଲେସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଯୋଗଦେଇ ଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିର ଓ ୧୦୫ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଭାଜପା ନେତ୍ରୀ ସ୍ମୃତି ପଟ୍ଟନାୟକ, ରଞ୍ଜିତା ନାୟକ, ରୀତା ମହାପାତ୍ରଙ୍କ ସମେତ ଲକ୍ଷ୍ମୀଧର ପ୍ରଧାନ, ଶ୍ରୀତମ ଦାସ, ଅନ୍ନଦା ଦାସ, ସୁନୀଲ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ମୃତିରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଯାଦବ ସଂଘର ସାଙ୍ଗଠନିକ ବୈଠକ



ବୈଠକରେ ଯୋଗଦେଇଥିବା ଯାଦବ ସଂଘର କର୍ମକର୍ତ୍ତା ।

ନିଶ୍ଚିନ୍ତକୋଇଲି,୨୪।୯ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ବାରମାଣିଆସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପରିସରରେ ଯାଦବ ସମାଜ ଆନୁକୂଲ୍ୟରେ ଏକ ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲା ଯାଦବ ସଂଘର କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ହେମନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଯାଦବ ସଂଘର ପୁନର୍ଗଠନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ଲକ କମିଟି ପୁନର୍ଗଠନ ନିମନ୍ତେ ଏକ ୧୦ ଜଣିଆ ଆବାହକ କମିଟି ଗଠନ କରାଯାଇଛି। ଏଥିସହ କଟକ ଜିଲା ଯାଦବ ସମାଜ ଆନୁକୂଲ୍ୟରେ ଆସନ୍ତା ଅକ୍ଟୋବରରେ ଅନୁଷ୍ଠିତ ହେବାକୁ ଥିବା ଅଖିଳ ଭାରତ ବର୍ଷିୟ ଯାଦବ ମହାସଭାରେ ଓଡ଼ିଶାର ରାଜ୍ୟ ସଭାପତି ଉତ୍ତମ କୁମାର ଦାସଙ୍କ ସମ୍ବର୍ଦ୍ଧନା ଉତ୍ସବକୁ ସଫଳ କରିବା ପାଇଁ ଯାଦବ ନେତୃମଣ୍ଡଳୀଙ୍କୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ କଟକ ଜିଲା ଯାଦବ ସମାଜ ଉପସଭାପତି କିଶୋର କୁମାର ପରିଡା,କ୍ଷୀରୋଦ କୁମାର ଦାସ, ସାଧାରଣ ସମ୍ପାଦକ ଗୌତମ ବେହେରା, ସଙ୍ଗଠନ ସମ୍ପାଦକ କେଶବ ଚନ୍ଦ୍ର ବେହେରା, ଜିଲା ଯୁବ ଯାଦବ ସଭାପତି ଅଭୟ କୁମାର ବେହେରା,କୋଷାଧ୍ୟକ୍ଷ ଦୈତାରି ଦାସ,ବରିଷ୍ଠ ଉପଦେଷ୍ଟା ଖବରଦାତା ବଲ୍ଲଭ ଚରଣ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

### 'ପ୍ରେମାନନ୍ଦ ତ୍ରିପାଠୀ ଥିଲେ ଦକ୍ଷ ପ୍ରଶାସକ'

କଟକ, ୨୪।୯(କାର୍ତ୍ତିକ ସାହୁ): ଡ. ପ୍ରେମାନନ୍ଦ ତ୍ରିପାଠୀ ଜଣେ ଦକ୍ଷ ପ୍ରଶାସକ ଥିଲେ। ସେ ଜଣେ ସୁସଙ୍ଗଠକ, ବନ୍ଧୁବତ୍ସଳ ଓ ପରୋପକାରୀ ମଣିଷ ଭାବେ ସୁପରିଚିତ ଥିଲେ। ଚେତନା ଚକ୍ରର ପ୍ରାକ୍ତନ ଉପଦେଷ୍ଟା ପ୍ରେମାନନ୍ଦଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ତାଙ୍କର ଗୁଣଗାନ କରି ଏହା କହିଥିଲେ। ଚେତନାଚକ୍ର ପକ୍ଷରୁ ଚହଟେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂ. ରଘୁନାଥ ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ମଞ୍ଜୁଲତା ଜେନା, କାଞ୍ଚନାରାୟଣ ମହାନ୍ତି, ପତିତପାବନ ମହାପାତ୍ର, ତାପସ ଦ୍ୱିବେଦୀଙ୍କ ସମେତ ଝିଅ ଇନ୍ଦୁରେଖା ତ୍ରିପାଠୀ ଓ ପୁତ୍ର କୈଳାସ ତ୍ରିପାଠୀପ୍ରମୁଖଶ୍ରଦ୍ଧାଞ୍ଜଳିଅର୍ପଣକରିଥିଲେ।

# ଯୁବ ସାମାଜିକ କର୍ମୀ ସମ୍ବର୍ଦ୍ଧିତ



ବାଙ୍କୀ,୨୪।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର) ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଙ୍କୀ–ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଗ୍ରାମର ଯୁବ ସାମାଜିକ କର୍ମୀ ଓ ଖବରଦାତା ଗୌରାଙ୍ଗ ଚରଣ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଗୀତ୍ ଗୋବିନ୍ଦ ସଦନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଖବରଦାତା କର୍ମଶାଳାରେ ଅତିଥିଭାବେ ବିଶିଷ୍ଟ ଖବରଦାତା ପ୍ରଶାନ୍ତ ପଟ୍ଟନାୟକ, ସମରେନ୍ଦ୍ର ରାଉତ ଓ ଦିଲୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗୌରାଙ୍ଗ ରାଉତଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଶାରଦୀୟ କବିତା ପାଠୋତ୍ସବ

ଚୌଦ୍ୱାର,୨୪।୯(ଆଶୁତୋଷ ଦାସ):

ଡାଳିଯୋଡ଼ା ସାହିତ୍ୟ ସଂସଦ ତରଫରୁ ରବିବାର ଶାରଦୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରୋଟାରୀ କ୍ଲବରେ ସଂସଦ ସଭାପତି କେ.ସି. ପ୍ରତାପସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୟଶ୍ରୀ ମହାନ୍ତି, ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ, ଗଣେଶ ପ୍ରସାଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। କବି ଲକ୍ଷ୍ମୀଧର ମହାରଣା ଓ ଦିଲୀପ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ବୈଦ୍ୟନାଥ ଖିଲାର, ଭାଗବତ ରାଉତ, ହରିହର ରଣା, ସୁକାନ୍ତ ସାହୁଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ଶ୍ରୀନିବାସ ବେହେରା ବିବରଣୀ ପାଠ କରିଥିଲେ। ଶୈଳେନ୍ଦ୍ର ମୁଖି ଧନ୍ୟବାଦ ଅର୍ପଣ କରିଥିଲେ । ଶରତ କୁମାର ଖୁଣ୍ଟିଆ, ବିଶ୍ୱ କଲ୍ୟାଣ ଦାସ, ପବିତ୍ର ମୋହନ ସାହୁ, ରବୀନ୍ଦ୍ର କୁମାର ସାହୁ, ଶୁଭଶ୍ରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କବିତା ପାଠୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ମହାନଦୀ ଉପରେ ୧୪ ଜିଲାର ଜନସାଧାରଣ ନିର୍ଭରଶୀଳ

ବାଙ୍କୀ,୨୪।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ପରିବେଶ ସୁରକ୍ଷା ସମିତି ଆନୁକୂଲ୍ୟରେ ରବିବାର ବିଶ୍ୱ ନଦୀ ଦିବସ ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁରସ୍ଥିତ ସୁନାଦେଈ ପୀଠର ମହାନଦୀ କୂଳରେ ପାଳିତ ହୋଇଯାଇଛି। ୨୦୦୫ରୁ ପ୍ରତିବର୍ଷ ସେପ୍ଟେମ୍ବର ୪ର୍ଥ ରବିବାର ସାରା ବିଶ୍ୱରେ ବିଶ୍ୱ ନଦୀ ଦିବସ ଜାତିସଂଘ ପକ୍ଷରୁ ପାଳିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥିଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ମହାନଦୀ ଓଡ଼ିଶାର ବଡ଼ନଦୀ। ଏହି ନଦୀ ଉପରେ ଓଡ଼ିଶାର ୧୪ ଜିଲାର ଜନସାଧାରଣ ନିର୍ଭରଶୀଳ। ବିଶେଷ କରି ବାଙ୍କୀ ଅଞ୍ଚଳରେ ମହାନଦୀ ୪୨ କିଲୋମିଟର ଅଞ୍ଚଳରେ ପ୍ରବାହିତ ହେଉଛି। ସ୍ଥାନୀୟ ଅଞ୍ଚରେ ନଦୀର ଉତ୍ତରପଟେ ୭ ପଞ୍ଚାୟତ ରହିଥିବାବେଳେ ଦକ୍ଷିଣ ପଟେ ୨୯ ପଞ୍ଚାୟତ ରହିଛି । ଏଥିସହ ମହାନଦୀରୁ ଚନ୍ଦ୍ରପା, ରଣ ଓ ହୁଳାହୁଳା ଆଦି ଉପନଦୀ ବାହାରି ପାନୀୟ ଜଳଯୋଗାଣ, କୃଷିକ୍ଷେତ୍ରକୁ ଜଳଯୋଗାଣ କରୁଛି। ବାଙ୍କୀ ପରିବେଶ ସୁରକ୍ଷା ସମିତିର ଆବାହକ ଦୀପକ କୁମାର ସାମନ୍ତରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, କବି ନବକିଶୋର ମହାରଣା, ଅକ୍ଷୟ କୁମାର ସାମଲ, ଜ୍ୟୋତିପ୍ରକାଶ ପାଢ଼ୀ, ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ମହାନଦୀ ଜଳକୁ ପରିଷ୍କାର କରିବା ଓ ନଦୀତୁଠକୁ ସଫା କରିବା ପାଇଁ ଜନସାଧାରଣଙ୍କୁ ସଚେତନତା କରିଥିଲେ। ଶେଷରେ ଲଲାଟେନ୍ଦୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଖଣ୍ଡା ବୁଲାଇ ଆତଙ୍କ ଖେଳାଇବା ଘଟଣା, ଆଉ ୨ ଗିରଫ

ଭୁବନେଶ୍ୱର,୨୪।୯(ସୂର୍ଯ୍ୟକାନ୍ତ ବେହେରା)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଧଉଳି ଥାନା ଅଞ୍ଚଳରେ ଅଗଷ୍ଟ ୨୭ ରେ ଖଣ୍ଡା ଓ ଲୁହା ରଡ ଧରି ଆତଙ୍କ ଖେଳାଇବା ଘଟଣାରେ ପୋଲିସ ଆଉ ୨ଜଣଙ୍କୁ ଗିରଫ କରି ରବିବାର ଜେଏମ୍ଏଫ୍ସି-୫ କୋର୍ଟକୁ ଚାଲାଣ କରିଛି। ସେମାନେ ହେଲେ ଶିଶୁପାଳଗଡର ଉତ୍ତମ ମହାପାତ୍ର ଓ ନାଥପୁରର ସୌମ୍ୟରଞ୍ଜନ ସାହୁ। ସେମାନଙ୍କଠାରୁ ଖଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହାକୁ ମିଶାଇ ଏହି ମାମଲାରେ ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଅପରପକ୍ଷେ ଘଟଣା ଦିନ ଅଭିଯୁକ୍ତଦ୍ୱୟ ସ୍ଥାନୀୟ ଅଞ୍ଚଳରେ ଜଣେ ଦୋକାନୀକୁ ଆକ୍ରମଣ ଉଦ୍ୟମ କରିବା ସହ ତାଙ୍କ ଦୋକାନରୁ ଟଙ୍କା ଓ କିଛି ଜିନିଷ ନେଇ ଫେରାର ହୋଇଯାଇଥିବା ତଦନ୍ତ ବେଳେ ଜଣାପଡିଛି। ଅଭିଯୁକ୍ତଙ୍କ ନାମରେ ଲିଙ୍ଗରାଜ ଓ ଧଉଳି ଥାନାରେ ୧୪ଟି ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

### ରଙ୍ଗ୍ ରୁଟ୍‌ରେ ଯାଉଥିବା ୧୦୨ ଗାଡି ଜବତ

ଭୁବନେଶ୍ୱର,୨୪।୯ (ସୂର୍ଯ୍ୟକାନ୍ତ ବେହେରା)

ରଙ୍ଗ ରୁଟ୍‌ରେ ଗାଡି ଚଳାଇବା ଯୋଗୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ସହ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେଉଛି। ଏହା ବେଆଇନ ହୋଇଥିଲେ ମଧ୍ୟ କଟକଣାକୁ ଅଧିକାଂଶ ମାନୁନାହାନ୍ତି। ଏହି ଅମାନିଆଙ୍କ ବିରୋଧରେ ଏଣିକି କମିଶନରେଟ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ରବିବାର ଟ୍ରାଫିକ ଥାନା-୧ ଏବଂ ୨ ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍ କରାଯାଇଥିଲା। ଟ୍ରାଫିକ ନିୟମ ଉଲ୍ଲଂଘନ କରି ରଙ୍ଗ ରୁଟ୍‌ରେ ଡ୍ରାଇଭିଂ କରୁଥିବା ଖିଲାପକାରୀଙ୍କଠାରୁ ମୋଟ ୧୦୨ଟି ମୋଟରସାଇକେଲକୁ ଜବତ କରାଯାଇଛି। ଜବତ ବାଇକ୍‌କୁ ଟ୍ରାଫିକ୍ ଥାନାରେ ରଖାଯିବା ସହ ଏନେଇ କୋର୍ଟରେ ପ୍ରୋସିକ୍ୟୁଶନ ରିପୋର୍ଟ ଦାଖଲ କରାଯାଇଛି। ଏଥିସହ ଟ୍ରାଫିକ ନିୟମ ଉଲ୍ଲଂଘନ କରନ୍ତୁ ନାହିଁ ଓ ସର୍ବଦା ଟ୍ରାଫିକ ନିୟମକୁ ପାଳନ କରନ୍ତୁ ବୋଲି ଟ୍ରାଫିକ ଏସିପି ଜୟନ୍ତ ଦୋରା ଲୋକଙ୍କୁ ଅପିଲ କରିଛନ୍ତି ।

### ମନ ଜିଣିଲା ସମ୍ବଲପୁରୀ ନୃତ୍ୟ

ନିରାକାରପୁର,୨୪।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଗେଟ୍ ବକାର ସ୍ଥିତ ଗେଟ୍ ବଜାର ପୂଜା କମିଟି ପକ୍ଷରୁ ରବିବାର ସନ୍ଧ୍ୟାରେ ଶ୍ରୀଗଣେଶଙ୍କ ପୂଜା ମଣ୍ଡପ ପରିସରରେ ଶ୍ରୀସାଇ ଡ୍ୟାନ୍ସ ଗ୍ରୁପ ଆନୁକୂଲ୍ୟରେ ସମ୍ବଲପୁରୀ ନୃତ୍ୟ ଅନୁଷ୍ଠିତ ହୋଇଯାଇଛି। ଅନୁରୂପଭାବେ ସତ୍ୟନାରାୟଣ ଦେବଙ୍କ ପୂଜା ପାଲା ପରିବେଷଣ ହୋଇଯାଇଛି। ଅନୁଷ୍ଠାନର ସଭାପତି ସାଗର ଜୟସିଂହ ପୌରୋହିତ୍ୟ କରିଥିବା ବେଳେ ଖୋର୍ଦ୍ଧା ବିଜେଡି ଉପସଭାପତି ବିପିନ କୁମାର ଜୟସିଂହ ଅତିଥିଭାବେ ଯୋଗଦେଇ ଦୀର୍ଘବର୍ଷ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଆଗକୁ ବଢିବା ପାଇଁ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

# ଧାର୍ଯ୍ୟ ସମୟରେ ହୋଇପାରୁନି ବନକଲାଗି

ପୁରୀ, ୨୪।୯(ଅଜିତ ମହାନ୍ତି)

**ଶ୍ରୀମନ୍ଦିର ପ୍ରଶାସନ -ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବ**



ମହାପ୍ରଭୁଙ୍କ ନୀତିକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବ ପୁଣି ସାମ୍ନାକୁ ଆସିଛି। ଯେତେ ନିଜକୁ ସଜାଡ଼ିବାରେ ଲାଗିଲେ ବି ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟ ପଦାରେ ପଡୁଛି। ସମସ୍ତ ପରମ୍ପରାକୁ ଦଳିମକଚି ଶ୍ରୀମନ୍ଦିରରେ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ଚାହୁଁଥିବା ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ମହାପ୍ରଭୁଙ୍କ ବନକଲାଗି ନୀତି କରିବାକୁ ଭକ୍ତମାନଙ୍କ ପକ୍ଷରୁ ଦାବି କରାଯାଇଛି।

ଚଳିତ ବର୍ଷ ଘୋଷଯାତ୍ରା ପରେ ଦତ୍ତମହାପାତ୍ର ସେବକ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ବିବାଦ ଯୋଗୁ ଏକମାସରୁ ଊର୍ଦ୍ଧ୍ୱ ଧରି ମହାପ୍ରଭୁଙ୍କ ଶ୍ରୀମୁଖଶୃଙ୍ଗାର ବନ୍ଦ ରହିଥିଲା। ବିବାଦ ସମାଧାନ ପରେ ମହାପ୍ରଭୁଙ୍କ ବନକଲାଗି ମାସକୁ ଦୁଇଥର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏବେ ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ ସମୟ ହେବ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବନ୍ଦ ରହିଛି। ଏହାକୁ ନେଇ ଜଗନ୍ନାଥପ୍ରେମୀ, ସେବାୟତ, ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମହାପ୍ରଭୁଙ୍କୁ ନେଇ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ ସବୁବେଳେ ସମ୍ବେଦନଶୀଳ ବୋଲି କହୁଥିବାବେଳେ ଏବେ ଶ୍ରୀବିଗ୍ରହ ଶ୍ରୀମୁଖ ପ୍ରତି ବିପଦ ପୁଣି ଦେଖାଦେଇଛି। ଏକମାସ ହେବ ମହାପ୍ରଭୁଙ୍କ ବନକଲାଗି ନୀତି ବା ଶ୍ରୀମୁଖ ଶୃଙ୍ଗାର ନୀତି ହୋଇନାହିଁ। ପୂର୍ବରୁ ବନକଲାଗି ନୀତି ସମ୍ପନ୍ନ କରୁଥିବା ଦତ୍ତମହାପାତ୍ର ସେବକ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଦୀର୍ଘଦିନ ବିବାଦ ଦେଖାଦେଇଥିବା ବେଳେ ମାସକୁ କେବଳ ଦୁଇଥର ବନକଲାଗି ନୀତି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା। ବୁଧବାର ବନକଲାଗି ହେବ ନା ଗୁରୁବାର ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ଓ ଦତ୍ତମହାପାପାତ୍ର ସେବକଙ୍କ ମଧ୍ୟରେ ବିବାଦ ଦେଖାଦେଇଥିବା ବେଳେ ବୁଧବାର ବନକଲାଗି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା। କିନ୍ତୁ ଏବେ ଦୀର୍ଘ ଏକମାସ ହେବ ମହାପ୍ରଭୁଙ୍କ ବନକଲାଗି ନୀତି ନ ହେବା ଯୋଗୁ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ମଳିନ ପଡିଲାଣି। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ଏବେ ଅନେକ ନୀତି ଚାଲିଥିବାରୁ ବନକଲାଗି ନୀତି ହେଉନାହିଁ ବୋଲି ଦତ୍ତ ମହାପାତ୍ର ସେବକ କହିଛନ୍ତି। ତେବେ ଆଗାମୀ ଦିନରେ ନୀତି ନିର୍ଦ୍ଧାରିତ ସମୟରେ ହେବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏସମ୍ପର୍କରେ ଗାରଦରୁ ଚିଠି ଆସିବ ବୋଲି ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶେଷଥର ପାଇଁ ଅଗଷ୍ଟ ୨୩ରେ ମହାପ୍ରଭୁଙ୍କ ବନକଲାଗି ନୀତି ହୋଇଥିଲା।



ଜଟଣୀ ଗଣେଶପୂଜାର ଷଷ୍ଠ ଦିବସରେ ରବିବାର ଜଟଣୀ ବିକାଶ ପରିଷଦର କର୍ମକର୍ତ୍ତାମାନେ ବିଭିନ୍ନ ମଣ୍ଡପ ବୁଲି ଦେଖୁଛନ୍ତି।

# ‘ଭଲ ପାଇବାକୁ ଭୟ ଲାଗୁଛି’ ନାଟକ ମଞ୍ଚସ୍ଥ



ନାଟକ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

କୃଷ୍ଣପ୍ରସାଦ,୨୪।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାମଲେଙ୍କା ପଞ୍ଚାୟତର ଶନିଶ୍ଚର ଦେବ ଯୁବକ ସଂଘ ରାମଲେଙ୍କା ଆନୁକୂଲ୍ୟରେ ସାମାଜିକ ନାଟକ ‘ଭଲ ପାଇବାକୁ ଭୟ ଲାଗୁଛି’ ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟ ଉତ୍ସବକୁ ଅବସରପ୍ରାପ୍ତ ସେନା ଅଧିକାରୀ ଦୀପକ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସଭା ଆୟୋଜିତ ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରାମଲେଙ୍କା ପଞ୍ଚାୟତ ସରପଞ୍ଚ ସବିତା ବିଶାଳ, ମୁଖ୍ୟ ବକ୍ତାଭାବେ ଜାଭିୟର ସ୍କୁଲ ମାଲୁଦ ଅଧ୍ୟକ୍ଷ ପୀତାମ୍ବର ଦଳେଇଙ୍କ ସମେତ ବହୁ ବ୍ୟକ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଧର ଦଳବେହେରା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ମାଷ୍ଟର ବିଜୟ କୁମାର ବିଶ୍ୱାଳ ଏବଂ ସହ ନିର୍ଦ୍ଦେଶକ ସୁବ୍ରତ କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ଉତ୍ସବ ପରିଚାଳନାରେ ମ୍ୟାନେଜର ଯୋଗେନ୍ଦ୍ର ବିଶ୍ୱାଳ, ବିଷ୍ଣୁ ପ୍ରସାଦ ବିଶ୍ୱାଳ, ବିକ୍ରମ ମହାରଣା, ବିଶ୍ୱଜିତ ବିଶ୍ୱାଳ, ମିଥୁନ ବିଶ୍ୱାଳ, ଚିତ୍ତ ରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ସମେତ ରାମଲେଙ୍କା ଗ୍ରାମ୍ୟ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଶନିଶ୍ଚର ଦେବ ଯୁବକ ସଂଘର କର୍ମକର୍ତ୍ତାମାନେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ।

# ଜଙ୍ଗଲ ପୋଖରୀରୁ ମହିଳାଙ୍କ ମୃତଦେହ ଜବତ

## ହତ୍ୟା କରି ଫିଙ୍ଗିଦିଆଯାଇଥିବା ସନ୍ଦେହ

ପୁରୀ,୨୪।୯(ଅଜିତ୍ ମହାନ୍ତି)

ତାଳବଣିଆ ଥାନା ଅନ୍ତର୍ଗତ ଭୂଦାନ ଜଙ୍ଗଲ ଭିତରେ ଥିବା ଏକ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତେବେ ମୃତ ମହିଳାଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳାଙ୍କୁ କେହି ହତ୍ୟା କରି ଉକ୍ତ ପୋଖରୀରେ ଫିଙ୍ଗିଦେଇଯାଇଥିବା ନେଇ ଜନସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ରବିବାର ଭୂଦାନ ଜଙ୍ଗଲକୁ କେତେଜଣ ଲୋକ ଯାଇଥିବା ବେଳେ ସେଠାରେ ଥିବା ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହକୁ ଉଦ୍ଧାର କରି କୂଳକୁ ଆଣିଥିଲା। ମୃତଦେହ ଜଣେ ମହିଳାଙ୍କର ବୋଲି ଜଣାପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଖବରପାଇ ସିଟି ଡିଏସ୍‌ପିଙ୍କ ସହ ତାଳବଣିଆ ଥାନା ଅଧିକାରୀ ଏବଂ ସମୁଦ୍ରକୂଳ ଥାନା ଅଧିକାରୀ ପହଞ୍ଚି ମୃତଦେହ କାହାର, ଏହା କିପରି ପୋଖରୀକୁ ଆସିଲା ଏବଂ ମହିଳାଙ୍କ ମୃତ୍ୟୁ କିପରି ଘଟିଲା ଆଦି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାର ତଦନ୍ତ ସରିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ‘ସମନ୍ୱୟ ରଖି ବୁଥ୍‌ସ୍ତରରୁ ସଙ୍ଗଠନ ମଜଭୁତ କର’

ବୋଲଗଡ଼,୨୪।୯(ଦେବବ୍ରତ ହୋତା)

କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ରବିବାର ବୋଲଗଡ଼ ବ୍ଲକ ଅଞ୍ଚଳର ପଞ୍ଚାୟତସ୍ତରୀୟ ସାଙ୍ଗଠନିକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆରିକିମାସ୍ଥିତ କୋଶଳାଶୁଣୀଙ୍କ ପୀଠ ନିକଟରେ ଆରିକିମା ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ହୋଇଥିବା ବେଳେ ଅସରଳାଦଳ ପଞ୍ଚାୟତର ଯୁବ କଂଗ୍ରେସ କର୍ମୀ ସମ୍ମିଳନୀ କୁଞ୍ଜବନଠାରେ ହୋଇଥିଲା। କୋଶଳାଶୁଣୀଙ୍କ ପୀଠ ନିକଟରେ ଅନୁଷ୍ଠିତ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ କର୍ମୀ ଗୋପବନ୍ଧୁ ଦାଶ ସଭାପତିତ୍ୱ କରିଥିଲେ। ବୈଠକରେ କଂଗ୍ରେସ ନେତା ପଟ୍ଟନାୟକ ଏବଂ ବ୍ଲକ ସଭାପତି ସଞ୍ଜୟ କୁମାର ସୁବୁଦ୍ଧିଙ୍କ ସମେତ ଉପସ୍ଥିତ କଂଗ୍ରେସ କର୍ମୀମାନେ ଅଂଶଗ୍ରହଣ କରିଥିଲେ। ଆରିକିମା ପଞ୍ଚାୟତର ପ୍ରତ୍ୟେକ ୱାର୍ଡରୁ ଦୁଇ ଜଣ ଛାମୁଆ କର୍ମୀଙ୍କୁ ସ୍ଥିର କରାଯାଇଥିଲା। ସେମାନଙ୍କ ନେତୃତ୍ୱରେ ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ୀକରଣ କରି ସଙ୍ଗଠନକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି । ଏହି ବୈଠକରେ କଂଗ୍ରେସ କର୍ମୀ ଜୟକୃଷ୍ଣ ପ୍ରହରାଜ, ଦୀପକ କୁମାର ଯତି, ଭାସ୍କର ହୋତା, ନବ କିଶୋର ଦାସ, ନିରଞ୍ଜନ ପଣ୍ଡାଙ୍କ ସମେତ ସମସ୍ତ ୱାର୍ଡର କର୍ମୀମାନେ ଉପସ୍ଥିତ ଥିଲେ। ସେହିପରି ଅସରଳାଦଳ ପଞ୍ଚାୟତର ଯୁବ କଂଗ୍ରେସ କର୍ମୀ ବୈଠକରେ ନଟବର ପାଣ୍ଡେ ସଭାପତିତ୍ୱ କରିଥିବା ବେଳେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗଦେଇ ସମନ୍ୱୟ ରଖି ବୁଥସ୍ତରରୁ କଗ୍ରେସ ଦଳର ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ସ୍ଥାନୀୟ ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଗଣେଶ୍ୱର ସୁବୁଦ୍ଧି, ଦୀପକ ସାମନ୍ତରାୟ, ବିବେକାନନ୍ଦ ସ୍ୱାଇଁ, ରବି ସ୍ୱାଇଁ, କୃଷ୍ଣ ପାଟଯୋଶୀ, ପ୍ରଫୁଲ୍ଲ ଜୟସିଂହ, ସାଗର ପବନସିଂହ, ସୁଶାନ୍ତ ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଏଥିରେ ଅସରଳାଦଳ ପଞ୍ଚାୟତର ଯୁବ କଂଗ୍ରେସ ସଭାପତିଭାବେ ସୋମନାଥ ସ୍ୱାଇଁଙ୍କୁ ଚୟନ କରାଯାଇଛି ବୋଲି ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ କୁମାର ସୁବୁଦ୍ଧି ସଭାରେ ଘୋଷଣା କରିଥିଲେ। ସୀମାଞ୍ଚଳ ଖଣ୍ଡାଇ ଧନ୍ୟବାଦ ଦେଇଥିଲେ।



ବୋଲଗଡ଼: କଂଗ୍ରେସର ପଞ୍ଚାୟତସ୍ତରୀୟ ସାଙ୍ଗଠନିକ କର୍ମୀ ସମ୍ମିଳନୀରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଏବଂ ଅନ୍ୟମାନେ।

# ନାବାଳକଙ୍କ ମୃତଦେହ ଜବତ

ବାରଙ୍ଗ,୨୪।୯(ଲିଙ୍ଗରାଜ ରାଉତ)

ମଞ୍ଚେଶ୍ୱର ଥାନା ଅଧୀନ ଜରିପାଟଣା ଗ୍ରାମ ନିକଟ କୁଆଖାଇ ନଦୀରୁ ରବିବାର ପୋଲିସ ଜଣେ ନାବାଳକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ବରିମୁଣ୍ଡ ଗ୍ରାମ ଭୂୟାଁସାହିର ନିବାସ ଭୂୟାଁ(୧୭)। ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ନିବାସ ଶୌଚ ପାଇଁ ଗାଁମୁଣ୍ଡ କୁଆଖାଇ ନଦୀକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ।

# ଅହୋରାତ୍ର ଧାରଣାରେ ଅଧ୍ୟାପିକା ଅଧ୍ୟାପକ

## ୩୦ରେ ମହାସମାବେଶ

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)



ଓଡ଼ିଶାର ସମସ୍ତ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନଗୁଡିକର ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଦୁଇମାସରୁ ଅଧିକ ସମୟ ଧରି ଆନ୍ଦୋଳନ ଚଳାଇଛନ୍ତି। ଏକମାତ୍ର ଦାବି ସରକାରୀ ଅନୁଦାନ ନୀତି (ଜିଆଇଏ) ଲାଗୁ କରିବା ପାଇଁ ୩୫୦୦ ଅଧ୍ୟାପିକା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ଗାନ୍ଧୀମାର୍ଗରେ ଶାନ୍ତିପୂର୍ଣ୍ଣ ଭାବରେ ଅହୋରାତ୍ର ଧାରଣା ଦେଇଛନ୍ତି। ଏହାସହିତ ୩ଥର ମହାସମାବେଶ କରି ଏବଂ ବିଭିନ୍ନ ଉପାୟରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କୌଣସି ଦାବି ପୂରଣ ହେଉ ନ ଥିବାରୁ ରାଜ୍ୟ ସଭାପତି ଡ. ଦେବ ବିଜୟ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। ୩ଦିନ ମଧ୍ୟରେ ସରକାର ଦାବି ପୂରଣ ନ କଲେ ଆସନ୍ତା ୩୦ ତାରିଖରେ ମହାସମାବେଶ ଆୟୋଜନ କରାଯିବ ବୋଲି ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି।

# ୫ ବର୍ଷରେ କୁଆଖାଇରେ ଗଲାଣି ୫୦ ଜୀବନ

ବାଲକାଟୀ,୨୪।୯(ମନୋଜ ମଣ୍ଡଳ)

**ନଦୀ ପଠାରେ ଲାଗିଲା ସତର୍କ ସୂଚନାଫଳକ**




ରାଜଧାନୀ ଉପକଣ୍ଠ କୁଆଖାଇ (ଟଙ୍କପାଣି ଠାରୁ ବାଲିଅନ୍ତା ପର୍ଯ୍ୟନ୍ତ) ନଦୀରେ ବୁଡ଼ି ଗତ ୫ବର୍ଷ ମଧ୍ୟରେ ୫୦ଜଣଙ୍କ ଜୀବନ ଯାଇଛି। ଫଳରେ ଏନେଇ ନଦୀପଠାର ଅଲାରପୁର, ଭଇଁଚୁଆ, କଣ୍ଟାଗୋଠ ଏବଂ ଧବଳାହାରଠାରେ ବାଲିଅନ୍ତା ଥାନା ପୋଲିସ ପକ୍ଷରୁ ସତର୍କ ସୂଚନା ଫଳକ ଲଗାଯାଇଛି। ଗତ ମେ’ ୨୮ରେ ଏହି ନଦୀରେ ବୁଡ଼ି ୩ଜଣ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଛି। ସେହିପରି ଗତ ଜୁଲାଇ ୧୧ରେ ନଦୀରେ ବୁଡ଼ି ୪ଜଣ ଏମ୍‌ବିଏ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହିପରି ଗତ ୫ବର୍ଷରେ ମୋଟ୍ ୫୦ଜଣଙ୍କ ଜୀବନ ଯାଇଛି। ଏହି ନଦୀର ଗଭୀର ଓ ଗଭୀରତା ମଧ୍ୟରେ ଅସମାନତା ଥିବାରୁ ଗାଧୋଇବାକୁ କିମ୍ବା ଶୌଚପାଇଁ ଯିବାକୁ ବାରଣ କରାଯାଇଛି। ଏପରିକି ନଦୀପଠାରେ ଥିବା ଜଙ୍ଗଲରେ ଭୋଜିଭାତ କରନ୍ତୁ ନାହିଁ। ନଦୀପଠାକୁ ଆସି କୌଣସି ନିଶା ସେବନ କରନ୍ତୁ ନାହିଁ। କୌଣସି ଅଘଟଣ ଦେଖିଲେ ତୁରନ୍ତ ସ୍ଥାନୀୟ ପୋଲିସଙ୍କୁ ଜଣାଇବାକୁ ସୂଚନାଫଳକରେ ଉଲ୍ଲେଖ ରହିଛି। ପୋଲିସର ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

# ‘ଉପଯୁକ୍ତ ମାର୍ଗଦର୍ଶନ ପାଇଁ ଭାଗବତ ଶ୍ରେଷ୍ଠ ମାଧ୍ୟମ’

ପୁରୀ,୨୪।୯(ଅଜିତ ମହାନ୍ତି)

**ସାତଲହଡ଼ି ମଠର ସୁରକ୍ଷା ଲାଗି ସରକାର ସଂକଳ୍ପବଦ୍ଧ: ସଂସ୍କୃତି ମନ୍ତ୍ରୀ**



ଆଲୋଚନାଚକ୍ରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଏବଂ ଅନ୍ୟ ଅତିଥିମାନେ।

ପଞ୍ଚସଖାଙ୍କ ମଧ୍ୟରେ ଅନନ୍ୟ ସଖା ତଥା ଭାଗବତ ପ୍ରଣେତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ଦୀର୍ଘ ପାଞ୍ଚଶହ ବର୍ଷ ଧରି ଭାରତରେ ଧର୍ମୀୟ ଜନଜାଗରଣ ସୃଷ୍ଟି ସହ ଶ୍ରୀଜଗନ୍ନାଥ ଓ ଉତ୍କଳୀୟ ସଂସ୍କୃତିକୁ ବିକଶିତ କରିଚାଲିଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି। ରବିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁରୀସ୍ଥିତ ସାତଲହଡ଼ି ମଠ ପରିସରରେ ‘ଓଡ଼ିଆ ଭାଗବତର ସର୍ବକାଳୀନ ଉପଯୋଗିତା’ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ମାନବ ଜୀବନକୁ ଉପଯୁକ୍ତ ମାର୍ଗଦର୍ଶନ ପାଇଁ ଭାଗବତ ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ। ଅତିବଡ଼ୀଙ୍କ ସାଧନା ଓ ସମାଧି ପୀଠ ସାତଲହଡ଼ି ମଠର ସୁରକ୍ଷା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ସେ ପ୍ରକାଶ କରିଥିଲେ।

ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି କବି ଡ. ହୃଷୀକେଶ ମଲ୍ଲିକଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦିକା ଶୁଚିସ୍ମିତା ମନ୍ତ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସାରସ୍ୱତ ସମ୍ମାନରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଯୋଜନା ବୋର୍ଡର ପ୍ରାକ୍ତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସାହିତ୍ୟ-ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ ଆଲୋଚକ ଭାବେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର, କୃପାସିନ୍ଧୁ ମିଶ୍ର, ସୁମିତ୍ରା କୁମାରୀ ପଟ୍ଟନାୟକ ଯୋଗଦେଇ ଭାଗବତ ଓଡ଼ିଆ ଜାତିର ଧର୍ମୀୟ ଭାବନା ପାଇଁ ଏକ ସମ୍ବିଧାନ ସଦୃଶ ଏବଂ ଏହା ବର୍ଷ ପରେ ବର୍ଷ ମାନବ ଜାତିକୁ ନୀତି ଓ ଆଦର୍ଶ ପଥରେ ଯିବାକୁ ପ୍ରେରଣା ଦେଉଥିବ ବୋଲି କହିଥିଲେ।

ଅତିବଡ଼ୀଙ୍କ ଜୟନ୍ତୀ ସମାରୋହ ପରିପ୍ରେକ୍ଷୀରେ ପ୍ରାତଃ କାଳରେ ଜିଲା ସଂସ୍କୃତିଅଧିକାରୀ ହେମନ୍ତ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଗୀତିକାର ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଭବ୍ୟ ସଂକୀର୍ତ୍ତନ ପଦଯାତ୍ରା ସିଂହଦ୍ୱାର ଠାରୁ ବାହାରି ସାତଲହଡ଼ି ମଠରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଷ୍ଟାଲିନ ପରିଜା, ଅଧ୍ୟାପକ ବିଶ୍ୱନାଥ ମିଶ୍ର, କବି ବିପିନ୍ ଦଳାଇ, ପାଲାକାର ଜ୍ଞାନ କାନୁନ୍‌ଗୋ, ଜିଲା କଳା-ସଂସ୍କୃତି ସଂଘ ଉପସଭାପତି ବସନ୍ତ ପ୍ରଧାନ, ଜଟାଧାରୀ ମିଶ୍ର, ଏକାଡେମୀ ଅଧିକାରୀ ସଞ୍ଜୟ କୁମାର ଛୁଆଲସିଂହ ପ୍ରମୁଖ ଯୋଗଦେଇଥିଲେ। ଚିନ୍ମୟ ମିଶ୍ର, କୈଳାସ ପାଣିଗ୍ରାହୀ, ଚକ୍ରଧର ମହାପାତ୍ର, ମଠକାଙ୍ଗୁଡ଼ାର ପ୍ରଭାକର ସାହୁ, କପିଳେଶ୍ୱରପୁରର ପ୍ରାକ୍ତନ ସରପଞ୍ଚ ଲଲାଟେନ୍ଦୁ ମହାନ୍ତି ଓ କବି ପ୍ରଶାନ୍ତ ତ୍ରିପାଠୀ, ପ୍ରଦୀପ୍ତ କୁମାର ଦାସଙ୍କ ସମେତ ବିଭିନ୍ନ କୀର୍ତ୍ତନ ଦଳ, ପାଲାକାର, କଳାକାର, ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସାତଲହଡ଼ି ମଠରେ ଭାଗବତ ପାଠ ପରେ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଶେଷରେ ଏକାଡେମୀର ଉପସଭାପତି କବି ଡ. ସଂଗ୍ରାମ ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କମାକନ୍ତିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ
#### ସ୍ୱାସ୍ଥ୍ୟ ସଚିବଙ୍କୁ ଦାବିପତ୍ର

ପୁରୀ, ୨୪।୯(ଅଜିତ ମହାନ୍ତି)

ପିପିଲି ବ୍ଲକର କମାକନ୍ତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଏବଂ ଡାକ୍ତର ନିୟମିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁ ନ ଥିବା ଅଭିଯୋଗ କରି ଚନ୍ଦ୍ରାଦେଇପୁର ପଞ୍ଚାୟତର ବାସିନ୍ଦା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ସଚିବଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, କମାକନ୍ତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଏମବିବିଏସ୍ ଡାକ୍ତର ନିଜ ଇଚ୍ଛାନୁସାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ଉପରିସ୍ଥ ଅଧିକାରୀଙ୍କୁ ଛୁଟି ଦରଖାସ୍ତ ନ ଦେଇ ନିଜ ମନ ଇଚ୍ଛା ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ରହୁଛନ୍ତି। ଏପରିକି ନିୟମିତ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ ନ କରି ଉପସ୍ଥାନ ରେଜିଷ୍ଟରରେ ଦସ୍ତଖତ କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବାର ଦୁଇଘଣ୍ଟା ପରେ କେତେବେଳେ କେମିତି ଆସି ଉପସ୍ଥାନ ରେଜିଷ୍ଟରରେ ଦରଖସ୍ତ କରି ଫେରିଯାଆନ୍ତି। ଅପରାହ୍ନରେ କୌଣସି ଦିନ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହୁନାହାନ୍ତି। କାର୍ଯ୍ୟରେ ଅବହେଳା କରୁଥିବାରୁ ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଗରିବ ରୋଗୀମାନେ ଘରୋଇ ମେଡିକାଲକୁ ଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ତଦନ୍ତ କରି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

### ପୂର୍ବଶତ୍ରୁତାରୁ ଘରେ ପଶି ଆକ୍ରମଣ

ନିମାପଡା,୨୪।୯(ଡି.ଏନ.ଏ):

ନିମାପଡା ଥାନା ଅନ୍ତର୍ଗତ ଧଳେଶ୍ୱର ପଞ୍ଚାୟତ ଅଞ୍ଚଳରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଣେ ମହିଳା ଓ ତାଙ୍କ ସ୍ୱାମୀ, ଶ୍ୱଶୁରଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୩୮/୨୩) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ପୂର୍ବଶତ୍ରୁତାକୁ ନେଇ ଗୁଡୁ ସାହୁ ନାମକ ଜଣେ ବ୍ୟକ୍ତି ଏହି ପଞ୍ଚାୟତ ଅଞ୍ଚଳର ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ମାଡ଼ ମାରିବା ସହ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏହା ଦେଖି ଉକ୍ତ ମହିଳାଙ୍କ ସ୍ୱାମୀ ଓ ଶ୍ୱଶୁର ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ଗୁଡୁ ମାଡ଼ ମାରିବା ସହ ଘରେ ନିଆଁ ଲଗାଇଦେବାକୁ ଧମକ ଦେଇଥିଲେ। ଏନେଇ ମହିଳା ଜଣଙ୍କ ଥାନାର ଦ୍ୱାରସ୍ଥ ହେବା ସହିତ ଅଭିଯୋଗ କରିଥିଲେ।

### ଜୁଆଆଡ୍ଡାରେ ଚଢ଼ାଉ, ୫ ଗିରଫ

ସାକ୍ଷୀଗୋପାଳ,୨୪।୯(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର):

ସତ୍ୟବାଦୀ ଥାନା ପୋଲିସ ଏକ ଜୁଆଆଡ୍ଡାରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବରାଳ ଅଞ୍ଚଳର ମନୋଜ ମହାପାତ୍ର, ନାରାୟଣ ମହାପାତ୍ର, ଶିଶିର ମହାପାତ୍ର, କୃଷ୍ଣ ମହାପାତ୍ର ଓ ବଟକୃଷ୍ଣ ମହାପାତ୍ର। ସେଠାରୁ ୩୨୦୦ ଟଙ୍କା ଓ କାର୍ଡ ଜବତ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ବରାଳ ଅଞ୍ଚଳରେ କେତେଜଣ ବ୍ୟକ୍ତି ଜୁଆ ଖେଳୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ୫ଜଣଙ୍କୁ ଧରିଥିବା ବେଳେ ଅନ୍ୟମାନେ ଖସି ପଳାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୩୧୬/୨୩) ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଆଇଆଇସି ବିଜୟ କେତେନ ବେହେରା କହିଛନ୍ତି।


କୃଷ୍ଣଲୀଳା ନୀତି ପରିସମାପ୍ତି ଅବସରରେ ଲବଣିଖିଆ ମଣ୍ଡପରେ ମହାଭୋଇମାନେ ରାମକୃଷ୍ଣଙ୍କୁ ବନ୍ଦାପନା କରୁଛନ୍ତି ।


ମଲ୍ଲଯୁଦ୍ଧ ନୀତି ସମ୍ପନ୍ନ କରାଯାଉଛି ।


ଶ୍ରୀନଅର ସମ୍ମୁଖରେ କୁବୁଜା ନୀତି ସମ୍ପନ୍ନ କରାଯାଉଛି ।

# ଧାର୍ଯ୍ୟ ସମୟରେ ହୋଇପାରୁନି ବନକଲାଗି

ପୁରୀ, ୨୪।୯(ଅଜିତ ମହାନ୍ତି):

**ଶ୍ରୀମନ୍ଦିର ପ୍ରଶାସନ - ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବ**

ମହାପ୍ରଭୁଙ୍କ ନୀତିକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବ ପୁଣି ସାମ୍ନାକୁ ଆସିଛି। ଯେତେ ନିଜକୁ ସଜାଡ଼ିବାରେ ଲାଗିଲେ ବି ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟ ପଦାରେ ପଡୁଛି। ସମସ୍ତ ପରମ୍ପରାକୁ ଦଳିମକଚି ଶ୍ରୀମନ୍ଦିରରେ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ଚାହୁଁଥିବା ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ମହାପ୍ରଭୁଙ୍କ ବନକଲାଗି ନୀତି କରିବାକୁ ଭକ୍ତମାନଙ୍କ ପକ୍ଷରୁ ଦାବି କରାଯାଇଛି।

ଚଳିତ ବର୍ଷ ଘୋଷଯାତ୍ରା ପରେ ଦଇତାପତି ସେବକ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ବିବାଦ ଯୋଗୁ ଏକମାସରୁ ଉର୍ଦ୍ଧ୍ୱ ଧରି ମହାପ୍ରଭୁଙ୍କ ଶ୍ରୀମୁଖଶୃଙ୍ଗାର ବନ୍ଦ ରହିଥିଲା। ବିବାଦ ସମାଧାନ ପରେ ମହାପ୍ରଭୁଙ୍କ ବନକଲାଗି ମାସକୁ ଦୁଇଥର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏବେ ଦୀର୍ଘ ଏକମାସରୁ ଉର୍ଦ୍ଧ୍ୱ ସମୟ ହେବ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବନ୍ଦ ରହିଛି। ଏହାକୁ ନେଇ ଜଗନ୍ନାଥପ୍ରେମୀ, ସେବାୟତ, ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମହାପ୍ରଭୁଙ୍କୁ ନେଇ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ ସବୁବେଳେ ସମ୍ବେଦନଶୀଳ ବୋଲି କହୁଥିବାବେଳେ ଏବେ ଶ୍ରୀବିଗ୍ରହ ଶ୍ରୀମୁଖ ପ୍ରତି ବିପଦ ପୁଣି ଦେଖାଦେଇଛି। ଏକମାସ ହେବ ମହାପ୍ରଭୁଙ୍କ ବନକଲାଗି ନୀତି ବା ଶ୍ରୀମୁଖ ଶୃଙ୍ଗାର ନୀତି ହୋଇନାହିଁ। ପୂର୍ବରୁ ବନକଲାଗି ନୀତି ସମ୍ପନ୍ନ କରୁଥିବା ଦଇତାପତି ସେବକ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଦୀର୍ଘଦିନ ବିବାଦ ଦେଖାଦେଇଥିବା ବେଳେ ମାସକୁ କେବଳ ଦୁଇଥର ବନକଲାଗି ନୀତି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା। ବୁଧବାର ବନକଲାଗି ହେବ ନା ଗୁରୁବାର ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ଓ ଦଇତାପତି ସେବକଙ୍କ ମଧ୍ୟରେ ବିବାଦ ଦେଖାଦେଇଥିବା ବେଳେ ବୁଧବାର ବନକଲାଗି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା। କିନ୍ତୁ ଏବେ ଦୀର୍ଘ ଏକମାସ ହେବ ମହାପ୍ରଭୁଙ୍କ ବନକଲାଗି ନୀତି ନ ହେବା ଯୋଗୁ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ମଳିନ ପଡିଲାଣି। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ଏବେ ଅନେକ ନୀତି ଚାଲିଥିବାରୁ ବନକଲାଗି ନୀତି ହେଉନାହିଁ ବୋଲି ଦତ୍ତ ମହାପାତ୍ର ସେବକ କହିଛନ୍ତି। ତେବେ ଆଗାମୀ ଦିନରେ ନୀତି ନିର୍ଦ୍ଧାରିତ ସମୟରେ ହେବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏସମ୍ପର୍କରେ ଗାରଦରୁ ଚିଠି ଆସିବ ବୋଲି ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶେଷଥର ପାଇଁ ଅଗଷ୍ଟ ୨୩ରେ ମହାପ୍ରଭୁଙ୍କ ବନକଲାଗି ନୀତି ହୋଇଥିଲା।

## ଜଙ୍ଗଲ ପୋଖରୀରୁ ମହିଳାଙ୍କ ମୃତଦେହ ଜବତ

ପୁରୀ,୨୪।୯(ଅଜିତ୍ ମହାନ୍ତି):

**ହତ୍ୟା କରି ଫିଙ୍ଗି ଦିଆଯାଇଥିବା ସନ୍ଦେହ**

ତାଳବଣିଆ ଥାନା ଅନ୍ତର୍ଗତ ଭୂଦାନ ଜଙ୍ଗଲ ଭିତରେ ଥିବା ଏକ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତେବେ ମୃତ ମହିଳାଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳାଙ୍କୁ କେହି ହତ୍ୟା କରି ଉକ୍ତ ପୋଖରୀରେ ଫିଙ୍ଗିଦେଇଯାଇଥିବା ନେଇ ଜନସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ରବିବାର ଭୂଦାନ ଜଙ୍ଗଲକୁ କେତେଜଣ ଲୋକ ଯାଇଥିବା ବେଳେ ସେଠାରେ ଥିବା ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହକୁ ଉଦ୍ଧାର କରି କୂଳକୁ ଆଣିଥିଲା। ମୃତଦେହ ଜଣେ ମହିଳାଙ୍କର ବୋଲି ଜଣାପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଖବରପାଇ ସିଟି ଡିଏସ୍‌ପିଙ୍କ ସହ ତାଳବଣିଆ ଥାନା ଅଧିକାରୀ ଏବଂ ସମୁଦ୍ରକୂଳ ଥାନା ଅଧିକାରୀ ପହଞ୍ଚି ମୃତଦେହ କାହାର, ଏହା କିପରି ପୋଖରୀକୁ ଆସିଲା ଏବଂ ମହିଳାଙ୍କ ମୃତ୍ୟୁ କିପରି ଘଟିଲା ଆଦି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାର ତଦନ୍ତ ସରିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି।



ପୁରୀ ସଂସ୍କୃତି ଭବନ ପରିସରରେ ରବିବାର ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ଅତିଥିମାନେ ।

## କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ସଂକ୍ରାନ୍ତ କର୍ମଶାଳା

ପୁରୀ ୨୪।୯(ଅଜିତ୍ ମହାନ୍ତି)

ଅଣୁ ,କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ କର୍ମଚାରୀଙ୍କ ପାଇଁ କାର୍ଯ୍ୟକ୍ଷେତ୍ର ସମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଏକ ଜାତୀୟ କର୍ମଶାଳା ଶନିବାର ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଛି। ଉକ୍ତ କର୍ମଶାଳାକୁ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ପାର୍ଥ ପ୍ରତୀମ ପାତ୍ର, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅଶୋକ ସାହୁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡୋ ଜର୍ମାନ ଫୋକାଲ ପଏଣ୍ଟ ଭୁବନେଶ୍ୱର ମୁଖ୍ୟ ବି. କେ. ସାହୁ ଯୋଗଦେଇ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଯେଉଁ ଅଞ୍ଚଳରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରହିଛି ସେହି ଅଞ୍ଚଳ ଲୋକଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହେବା ସହିତ ଶିଳ୍ପ ର ଅଗ୍ରଗତି ଦିଗରେ ସୁଦୂର ପ୍ରସାରୀ ସୁଯୋଗ ଗଢ଼ି ଉଠିଛି। ପୁରୀ ଜିଲାରେ ଅନେକ କୁଶଳୀ ଯୁବକ ଅଛନ୍ତି। କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଦିଗରେ ଜିଲାରେ ଅନେକ ସାଧନ ଭରି ରହିଛି। ଏହାର ସଦୁପଯୋଗ ହୋଇପାରିଲେ ଜିଲାରେ ବିକାଶ ଆହୁରି ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## କାର୍ଯ୍ୟକ୍ରମରେ ଅଶାଳୀନ ମନ୍ତବ୍ୟ ନେଇ ହୋହଲ୍ଲା

ଗୋପ,୨୪।୯(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁରରେ ରବିବାର ଅନୁଷ୍ଠିତ ଏକ ଘରୋଇ ବୈଦ୍ୟୁତିକ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଅଶାଳୀନ ମନ୍ତବ୍ୟ ନେଇ ହୋହଲ୍ଲା ହୋଇଥିଲା। ଏପରିକି ଉକ୍ତ ଗଣମାଧ୍ୟମର ଦୁଇ କର୍ମଚାରୀଙ୍କୁ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି କିଛି ସମୟ ଅଟକ ରଖିବା ପରେ ଛାଡ଼ିଥିଲେ। ପ୍ରକାଶ ଯେ, ଜଣେ ରାଜନୈତିକ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାକୁ ନେଇ ରବିବାର ପୂର୍ବାହ୍ନରେ ସୁବର୍ଣ୍ଣପୁରଠାରେ ଉକ୍ତ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଏକ କାର୍ଯ୍ୟକ୍ରମ ହେଉଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ। ଆରମ୍ଭରେ ଗଣମାଧ୍ୟମର ଜଣେ କର୍ମଚାରୀ ରାଜନୈତିକ ବ୍ୟକ୍ତି ମୃତ୍ୟୁ ଘଟଣାରେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରଶ୍ନ ପଚାରିଥିଲେ। ମହିଳା ଜଣଙ୍କ ମଧ୍ୟ ଉତ୍ତର ଦେଉଥିଲେ। ଏହି ସମୟରେ କୌଣସି ଅଶାଳୀନ ମନ୍ତବ୍ୟକୁ ମହିଳା ଜଣଙ୍କ ବିରକ୍ତି ପ୍ରକାଶ କରିଥିଲେ। ଏନେଇ ଘଟଣାସ୍ଥଳରେ ହୋହଲ୍ଲା ହୋଇଥିଲା। ମିଛ ଘଟଣାକୁ କାହିଁକି ରଙ୍ଗ ଦିଆଯାଉଛି ବୋଲି ଉପସ୍ଥିତ କେତେଜଣ ବ୍ୟକ୍ତି କହିବା ସହ ପାଟିତୁଣ୍ଡ କରିଥିଲେ।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

ପୁରୀ,୨୪।୯(ଅଜିତ୍ ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ଉପଲକ୍ଷେ ଭାଜପା ପକ୍ଷରୁ ଏକ ସପ୍ତାହ ଧରି ସେବାସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଶନିବାର ଭାଜପା ଯୁବମୋର୍ଚ୍ଚା ତରଫରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ସମର୍ପଣ ଅନୁଷ୍ଠାନର ସହାୟତାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୬୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏଥିରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ଡା ଦେବେନ୍ଦ୍ର ନାଥ ତରେଇଙ୍କ ସମେତ ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ, ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ସୌମ୍ୟରଞ୍ଜନ ଲେଙ୍କା, ବିଶ୍ୱଜିତ୍ ମହାନ୍ତି, ସଂଗ୍ରାମ ପରିଡା, ବିଭୁ ରଥ, ପ୍ରଦୀପ ପରିଡ଼ା, ପ୍ରଦୀପ ନାୟକ, ଅନିଲ ସାହୁ, ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କବି ସମ୍ମିଳନୀରେ ପିପିଲିର ୪ ସମ୍ବର୍ଦ୍ଧିତ


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କବିମାନେ ।

ପିପିଲି, (ଦୁର୍ଗାମାଧବ ମିଶ୍ର) ୨୪।୯:

ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତିବିଭାଗ ଏବଂ ହେଲ୍ଥମେଟ୍‌ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଯୁବକବି ସମ୍ମିଳନୀ ଭୁବନେଶ୍ୱର ଗୋଦାବରୀଶ ସାହିତ୍ୟ ସଂସଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲିର ୪ ଜଣ ଯୁବ ପ୍ରତିଭା ସମ୍ବର୍ଦ୍ଧିତ ହୋଇଛନ୍ତି। ସେମାନେ ହେଲେ ନହଳାପଡ଼ା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ପ୍ରଧାନ, ପିପିଲି ଏନ୍‌ଏସି ଅଞ୍ଚଳର ସତ୍ୟନାରାୟଣ ସିଂହ, ପ୍ରଭୁ ଚରଣ ପତି ଏବଂ ଅମିୟ କୁମାର ସାହୁ। ଏହି ସମ୍ମିଳନୀରେ ଅତିଥି ଭାବେ ଭୁବନେଶ୍ୱର ଉପଜିଲାପାଳ ଡ. ଜ୍ୟୋସ୍ନାରାଣୀ ପାତ୍ର, ରମାଦେବୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ସୁଶୀଲ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ପୃକ୍ତ ଯୁବ କବିମାନଙ୍କୁ ପ୍ରଶଂସା କରାଯାଇଛି।

## କୁଆଖାଇରୁ ନାବାଳକଙ୍କ ମୃତଦେହ ଜବତ

ବାରଙ୍ଗ,୨୪।୯(ଲିଙ୍ଗରାଜ ରାଉତ):

ମଞ୍ଚେଶ୍ୱର ଥାନା ଅଧୀନ ଜରିପାଟଣା ଗ୍ରାମ ନିକଟ କୁଆଖାଇ ନଦୀରେ ଭାସୁଥିବା ଜଣେ ନାବାଳକଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ବରିମୁଣ୍ଡ ଗ୍ରାମ ଭୂୟାଁସାହିର ନିବାସ ଭୂୟାଁ(୧୭)। ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ନିବାସ ଶୌଚ ପାଇଁ ଗାଁମୁଣ୍ଡ କୁଆଖାଇ ନଦୀକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ରବିବାର ସକାଳେ ନିବାସଙ୍କ ମୋବାଇଲ ଓ ପ୍ୟାଣ୍ଟ ନଦୀକୂଳ ବାଲି ଉପରୁ ପରିବାର ଲୋକ ପାଇଥିଲେ। ଏହାର କିଛି ସମୟ ପରେ ଜରିପାଟଣା ଗ୍ରାମ ନିକଟ କୁଆଖାଇ ନଦୀରେ ଏକ ମୃତଦେହ ଭାସୁଥିବା ଖବରପାଇ ପରିବାର ଲୋକେ ପହଞ୍ଚି ନିବାସଙ୍କ ମୃତଦେହ ଚିହ୍ନଟ କରିଥିଲେ। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଫଳ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ପୁରୀ, ୨୪।୯(ଅଜିତ ମହାନ୍ତି):

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଗତ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ପୁରୀରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ଆସୋସିଏଶନ୍ ଏବଂ ପୁରୀ ଜିଲା ବିଦ୍ୟାଳୟ କ୍ରୀଡ଼ା ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ପୁରୀ ସ୍କୁଲ କ୍ରୀଡ଼ା ଆସୋସିଏଶନ୍ ପକ୍ଷରୁ ପ୍ରତିନିଧିତ୍ୱ କରି ପୁରୀ ବକ୍ସିଂ ଏକାଡେମୀର ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ଏହି ଛାତ୍ରୀଛାତ୍ରମାନେ ମୋଟ ୨୦ଟି ପଦକ ଜିତିଛନ୍ତି। ସେଥିମଧ୍ୟରେ ୧୧ ସ୍ୱର୍ଣ୍ଣ, ୪ ରୌପ୍ୟ, ୫ ରଜତ ପଦକ ରହିଛି। ୧୪ ବର୍ଷରୁ କମ୍ ବର୍ଗରେ ସ୍ୱର୍ଣ୍ଣ ପଦକ ବିଜେତା ହେଲେ ଆଶିଷ କୁମାର ବେହେରା, ମାଧବ ବେହେରା, ନରେନ୍ଦ୍ର ସାହୁ, ମନୋଜ କୁମାର ସାହୁ, ଆୟୁଷ୍ମାନ ଭାରତୀ। ସେହିପରି ୧୭ ବର୍ଷରୁ କମ୍ ବର୍ଗରେ ଅଂଶୁ ନାୟକ, ପ୍ରକାଶ ବାନାର୍ଜୀ, ଲୋକନାଥ ବେହେରା, ବି.ପ୍ରବୀନ ରାଓ, ଚନ୍ଦନ ଥାପ୍ପା ଏବଂ ପୂଜା ପାତ୍ର। ରୌପ୍ୟ ପଦକ ବିଜେତା ପ୍ରିୟଙ୍କା ସାହୁ, ପ୍ରବୀନ ବେହେରା, ବିରଞ୍ଚି ନାରାୟଣ ନନ୍ଦ, ରାଜଲକ୍ଷ୍ମୀ ଭୋଳ କୃତକାର୍ଯ୍ୟ ହୋଇଛନ୍ତି। ରଜତ ପଦକ ବିଜେତାଙ୍କ ମଧ୍ୟରେ ଚନ୍ଦନ ବେହେରା, କାଳିଆ ବେହେରା, ଅଭିନାଶ ପ୍ରଧାନ, ବିଶ୍ୱଜିତ ରାଏ, ସୋମନାଥ ମହାପାତ୍ର ରହିଛନ୍ତି। ସଫଳତା ପାଇଥିବା ଖେଳାଳିମାନଙ୍କୁ ଶୁକ୍ରବାର ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଦୌଡ଼କୁଦ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଅନୀଲ ଗୋଛିକାର, ବିନୋଦ ସିଂ, ବିଶ୍ୱଭୂଷଣ ପଣ୍ଡା, ଦେବୀ ପ୍ରସାଦ ଦାଶ ଏବଂ ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି।


ପ୍ରତିଯୋଗୀତାରେ ସଫଳତା ପାଇଥିବା ପ୍ରତିଯୋଗୀମାନେ ।

## ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫-ଟିରେ ସାମିଲ ପାଇଁ ଦାବି

**ରୋଗୀ କଲ୍ୟାଣ ସମିତି ବୈଠକ**

ନିମାପଡା,୨୪।୯(ଡି.ଏନ.ଏ):

ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରୋଗୀ କଲ୍ୟାଣ ସମିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ନିମାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ, ସରପଞ୍ଚ ଚାରୁଲତା ବେହେରା, ରୋଗୀ କଲ୍ୟାଣ ସମିତିର ସଦସ୍ୟ ପ୍ରଫେସର ଗୋପୀନାଥ କର, ପୂର୍ଣ୍ଣଚନ୍ଦ୍ର ଓଝା, ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ସମ୍ପର୍କରେ ଆଲୋଚନା କରିଥିଲେ। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫-ଟି ରେ ସାମିଲ କରାଯିବା, ଆହାର କେନ୍ଦ୍ର ଖୋଲାଯିବା, ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫନର୍ସ ପଦବୀ ପୂରଣ କରାଯିବା, ସ୍ୱାସ୍ଥ୍ୟକେନ୍ଦ୍ରରେ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ, ମେଡିକାଲକୁ ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଣ, ମେଡିକାଲ ପରିସରରେ ଥିବା ଡାକ୍ତର ଓ କର୍ମଚାରୀଙ୍କ ସରକାରୀ କ୍ୱାର୍ଟରଗୁଡିକୁ ମରାମତି କରାଯିବାକୁ ଦାବି ହୋଇଥିଲା। ଏହି ବୈଠକରେ ଡା. ପୃଥ୍ୱୀରାଜ ବେହେରା, ଅମିତାଂଶୁ ସ୍ୱାଇଁ, ସନ୍ତୋଷ ବିଶ୍ୱାଳ, ସସ୍ମିତା ନନ୍ଦୀ, ପ୍ରଣତୀ ନନ୍ଦ, କିଶୋର ପଟ୍ଟନାୟକ, ବିପିଏମ ଶିବନାରାୟଣ ନନ୍ଦଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅଧିକାରୀମାନେ ।

## ସଂକ୍ଷେପରେ

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ଜଳିଗଲା

ଭୁବନେଶ୍ୱର,୨୪।୯ (ସୂର୍ଯ୍ୟକାନ୍ତ ବେହେରା): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲ ପରିସରରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଜଳିଯାଇଛି। ଖବର ପାଇବା ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ତୁରନ୍ତ ଲାଇନ କଟାଯାଇଥିଲା। ଚନ୍ଦ୍ରଶେଖରପୁର ଅଗ୍ନିଶମ ଯବାନ ଘଟଣାସ୍ଥଳରେ ପହଞ୍ଚି ଜଳୁଥିବା ଟ୍ରାନ୍ସଫର୍ମର ଉପରେ ପ୍ରଥମେ ନିଆଁଲିଭା ଗ୍ୟାସ ଓ ପରେ ପାଣିପକାଇ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର ସ୍ପଷ୍ଟ କାରଣ ଜଣାପଡିନାହିଁ ।

### ଜଙ୍ଗଲ ପୋଖରୀରୁ ମହିଳାଙ୍କ ମୃତଦେହ ଜବତ

ପୁରୀ,୨୪।୯(ଅଜିତ୍ ମହାନ୍ତି): ତାଳବଣିଆ ଥାନା ଅନ୍ତର୍ଗତ ଭୂଦାନ ଜଙ୍ଗଲ ଭିତରେ ଥିବା ଏକ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତେବେ ମୃତ ମହିଳାଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳାଙ୍କୁ କେହି ହତ୍ୟା କରି ଉକ୍ତ ପୋଖରୀରେ ଫିଙ୍ଗିଦେଇଯାଇଥିବା ନେଇ ଜନସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ରବିବାର ଭୂଦାନ ଜଙ୍ଗଲକୁ କେତେଜଣ ଲୋକ ଯାଇଥିବା ବେଳେ ସେଠାରେ ଥିବା ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହକୁ ଉଦ୍ଧାର କରି କୂଳକୁ ଆଣିଥିଲା। ମୃତଦେହ ଜଣେ ମହିଳାଙ୍କର ବୋଲି ଜଣାପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଖବରପାଇ ସିଟି ଡିଏସ୍‌ପିଙ୍କ ସହ ତାଳବଣିଆ ଥାନା ଅଧିକାରୀ ଏବଂ ସମୁଦ୍ରକୂଳ ଥାନା ଅଧିକାରୀ ପହଞ୍ଚି ମୃତଦେହ କାହାର, ଏହା କିପରି ପୋଖରୀକୁ ଆସିଲା ଏବଂ ମହିଳାଙ୍କ ମୃତ୍ୟୁ କିପରି ଘଟିଲା ଆଦି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାର ତଦନ୍ତ ସରିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ୫ ବର୍ଷରେ କୁଆଖାଇରେ ଗଲାଣି ୫୦ ଜୀବନ

ବାଲକାଟୀ,୨୪।୯(ମନୋଜ ମଣ୍ଡଳ)

ରାଜଧାନୀ ଉପକଣ୍ଠ କୁଆଖାଇ (ଟଙ୍କପାଣି ଠାରୁ ବାଲିଅନ୍ତା ପର୍ଯ୍ୟନ୍ତ) ନଦୀରେ ବୁଡ଼ି ଗତ ୫ବର୍ଷ ମଧ୍ୟରେ ୫୦ଜଣଙ୍କ ଜୀବନ ଯାଇଛି। ଫଳରେ ଏନେଇ ନଦୀପଠାର ଅଲାରପୁର, ଭଇଁଚୁଆ, କଣ୍ଟାଗୋଠ ଏବଂ ଧବଳାହାରଠାରେ ବାଲିଅନ୍ତା ଥାନା ପୋଲିସ ପକ୍ଷରୁ ସତର୍କ ସୂଚନା ଫଳକ ଲଗାଯାଇଛି। ଗତ ମେ' ୨୮ରେ ଏହି ନଦୀରେ ବୁଡ଼ି ୩ଜଣ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଛି। ସେହିପରି ଗତ ଜୁଲାଇ ୧୧ରେ ନଦୀରେ ବୁଡ଼ି ୪ଜଣ ଏମ୍‌ବିଏ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହିପରି ଗତ ୫ବର୍ଷରେ ମୋଟ୍ ୫୦ଜଣଙ୍କ ଜୀବନ ଯାଇଛି। ଏହି ନଦୀର ଗଭୀର ଓ ଗଭୀରତା ମଧ୍ୟରେ ଅସମାନତା ଥିବାରୁ ଗାଧୋଇବାକୁ କିମ୍ବା ଶୌଚପାଇଁ ଯିବାକୁ ବାରଣ କରାଯାଇଛି। ଏପରିକି ନଦୀପଠାରେ ଥିବା ଜଙ୍ଗଲରେ ଭୋଜିଭାତ କରନ୍ତୁ ନାହିଁ। ନଦୀପଠାକୁ ଆସି କୌଣସି ନିଶା ସେବନ କରନ୍ତୁ ନାହିଁ। କୌଣସି ଅଘଟଣ ଦେଖିଲେ ତୁରନ୍ତ ସ୍ଥାନୀୟ ପୋଲିସଙ୍କୁ ଜଣାଇବାକୁ ସୂଚନାଫଳକରେ ଉଲ୍ଲେଖ ରହିଛି। ପୋଲିସର ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

### ନଦୀ ପଠାରେ ଲାଗିଲା ସତର୍କ ସୂଚନାଫଳକ




### କୁଆଖାଇରୁ ନାବାଳକଙ୍କ ମୃତଦେହ ଜବତ

ବାରଙ୍ଗ,୨୪।୯(ଲିଙ୍ଗରାଜ ରାଉତ)

ମଞ୍ଚେଶ୍ୱର ଥାନା ଅଧୀନ ଜରିପାଟଣା ଗ୍ରାମ ନିକଟ କୁଆଖାଇ ନଦୀରେ ଭାସୁଥିବା ଜଣେ ନାବାଳକଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ବରିମୁଣ୍ଡ ଗ୍ରାମ ଭୂୟାଁସାହିର ନିବାସ ଭୂୟାଁ(୧୭)। ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ନିବାସ ଶୌଚ ପାଇଁ ଗାଁମୁଣ୍ଡ କୁଆଖାଇ ନଦୀକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ରବିବାର ସକାଳେ ନିବାସଙ୍କ ମୋବାଇଲ ଓ ପ୍ୟାଣ୍ଟ ନଦୀକୂଳ ବାଲି ଉପରୁ ପରିବାର ଲୋକ ପାଇଥିଲେ। ଏହାର କିଛି ସମୟ ପରେ ଜରିପାଟଣା ଗ୍ରାମ ନିକଟ କୁଆଖାଇ ନଦୀରେ ଏକ ମୃତଦେହ ଭାସୁଥିବା ଖବରପାଇ ପରିବାର ଲୋକେ ପହଞ୍ଚି ନିବାସଙ୍କ ମୃତଦେହ ଚିହ୍ନଟ କରିଥିଲେ। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସରିଲା ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି



ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଉଛି।

କଟକ,୨୪।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଧୁମଧାମରେ ସରିଲା ଗଜାନନଙ୍କ ପୂଜା। ବିଘ୍ନନାଶକ ଗଣେଶଙ୍କୁ ଜାକଜମକରେ ପୂଜା କରିଥିଲେ କଟକ ବାସିନ୍ଦ । ଆଉ ଏବେ ବିଘ୍ନନାଶକଙ୍କୁ ବିଦାୟ ଦେଇଛନ୍ତି। ରବିବାର ସକାଳୁ କଟକରେ ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି ଆରମ୍ଭ ହୋଇଥିଲା। ମୋଟ ୪ଶହରୁ ଊର୍ଦ୍ଧ୍ୱ ମେଢ଼ ବିସର୍ଜନ ପାଇଁ ତାଲିକା ହୋଇଥିଲା। ସକାଳୁ ଆରମ୍ଭ ହୋଇଥିଲା ଭସାଣି ପ୍ରକ୍ରିୟା। ମୂର୍ତ୍ତି ବିସର୍ଜନ ପାଇଁ ପ୍ରାୟ ୧୧ଟି ଅସ୍ଥାୟୀ ପୋଖରୀର ଆୟୋଜନ କରିଛି କଟକ ମହାନଗର ନିଗମ । ତେବେ ଏହି ସମୟରେ ଯେପରି କୌଣସି ବିଶୃଙ୍ଖଳା ସୃଷ୍ଟି ନ ହୁଏ ସେଥିପ୍ରତି ସଜାଗ ଥିଲା ପୋଲିସ । ତେବେ ଚଳିତ ବର୍ଷ ଭସାଣି

### ବାଜା, ନାଚରେ ଦୁଲୁକିଲା ସହର

ଉତ୍ସବ ପାଇଁ ବଭିନ୍ନ କ୍ଲବ ପକ୍ଷରୁ ବାଜାକୁ ଗୁରୁତ୍ୱ ଦିଆଯାଇଛି। ଢୋଲ ବାଜା, ଶକିକୁଲମ ବାଜା ମୁଖ୍ୟ ଆକର୍ଷଣ ଥିଲା। ଏହି ବାଜାର ତାଳରେ ଝୁମିଥିଲେ ସହରବାସୀ। ଆଇନ ଶୃଙ୍ଖଳା ପାଇଁ ମୋଟ ୨୦ଟି ପ୍ଲାଟୁନ ଫୋର୍ସ କଟକରେ ମୁତୟନ କରିଛି କମିଶନରେଟ ପୋଲିସ । ଅନ୍ୟପଟେ ଏହି ପାର୍ବଣକୁ ଆଖିରେ ରଖି ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବାକୁ ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଛି। ସୂଚନା ଥାଉକି ୩ଟି ପର୍ଯ୍ୟାୟରେ ଭସାଣି କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ସେପ୍ଟେମ୍ବର ୧ ଓ ତୃତୀୟ ପର୍ଯ୍ୟାୟ ଭସାଣି ୮ ତାରିଖରେ ଶେଷ ହେବ ବୋଲି ନିଷ୍ପତ୍ତି ନିଆଯାଇଛି ।



କଟକ ତୁଳସୀପୁର ମଠସାହିରୁ ବାହାରିଥିବା ଭସାଣି ଶୋଭାଯାତ୍ରା।

# ଅହୋରାତ୍ର ଧାରଣାରେ ଅଧ୍ୟାପିକା ଅଧ୍ୟାପକ




ଲୋୟର ପିଏମ୍‌ଜିରେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକମାନେ ଧାରଣା ଦେଇଛନ୍ତି।

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ଓଡ଼ିଶାର ସମସ୍ତ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନଗୁଡ଼ିକର ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଦୁଇମାସରୁ ଅଧିକ

### ୩୦ରେ ମହାସମାବେଶ

ସମୟ ଧରି ଆନ୍ଦୋଳନ ଚଳାଇଛନ୍ତି। ଏକମାତ୍ର ଦାବି ସରକାରୀ ଅନୁଦାନ ନୀତି (ଜିଆଇଏ) ଲାଗୁ କରିବା ପାଇଁ ୩୫୦୦ ଅଧ୍ୟାପିକା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ଗାନ୍ଧୀମାର୍ଗରେ ଶାନ୍ତିପୂର୍ଣ୍ଣ ଭାବରେ ଅହୋରାତ୍ର ଧାରଣା ଦେଇଛନ୍ତି। ଏହାସହିତ ୩ଥର ମହାସମାବେଶ କରି ଏବଂ ବିଭିନ୍ନ ଉପାୟରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କୌଣସି ଦାବି ପୂରଣ ହେଉ ନ ଥିବାରୁ ରାଜ୍ୟ ସଭାପତି ଡ. ଦେବ ବିଜୟ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। ୩ଦିନ ମଧ୍ୟରେ ସରକାର ଦାବି ପୂରଣ ନ କଲେ ଆସନ୍ତା ୩୦ ତାରିଖରେ ମହାସମାବେଶ ଆୟୋଜନ କରାଯିବ ବୋଲି ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି।

### ଅର୍ବାନ ହାଟରେ ପିଣ୍ଡି ବଣ୍ଟନକୁ ନେଇ ଅସନ୍ତୋଷ

କଟକ,୨୪।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଛତ୍ରବଜାରରେ ବହୁ ବେପାରୀ ରହିଛନ୍ତି। ହେଲେ ଅର୍ବାନ ହାଟରେ ବ୍ୟବସାୟୀଙ୍କ ପାଇଁ ପିଣ୍ଡି ଅଳ୍ପ ରହିଛି। ଶାସକ ଦଳ ନେତା ସେମାନଙ୍କ ନିଜ ଲୋକଙ୍କୁ ପିଣ୍ଡି ବଣ୍ଟନ କରୁଥିବା ସଙ୍ଗିନ ଅଭିଯୋଗ କରିଛନ୍ତି କଂଗ୍ରେସ କର୍ପୋରେଟର। ଛତ୍ରବଜାରଠାରେ ହୋଇଥିବା ସହରାଞ୍ଚଳ ହାଟ ପିଣ୍ଡି ବଣ୍ଟନରେ ସ୍ୱଚ୍ଛତା ଅବଲମ୍ବନ କରାଯାଉନାହିଁ। ଯିଏ ଯେମିତି ପାରିଲା ମନଇଚ୍ଛା ପିଣ୍ଡି ବାଣ୍ଟୁଛନ୍ତି । ରବିବାର ସ୍ଥାନୀୟ ବିଧାୟକ ଆସି କେତେଜଣ ବ୍ୟବସାୟୀଙ୍କୁ ଟୋକନ ବାଣ୍ଟିଛନ୍ତି। ସିଏମ୍‌ସିର କୌଣସି ଅଧିକାରୀଙ୍କୁ ନ ଡକାଯାଇ ବିଧାୟକ ଏହାକୁ ବଣ୍ଟନ କରିବା କେତେଦୂର ସମୀଚୀନ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି। ଏହାକୁ ନେଇ ସ୍ଥାନୀୟ କର୍ପୋରେଟର ଶୁଭାଶିଷ କୁମାର ପଟ୍ଟନାୟକ ବିରୋଧ କରିବା ସହିତ ନିନ୍ଦା କରିଛନ୍ତି। ଏପଟେ ସହରାଞ୍ଚଳ ହାଟ ତାଙ୍କ ୱାର୍ଡରେ ଥିଲା ବେଳେ କଂଗ୍ରେସ କର୍ପୋରେଟର ହୋଇଥିବାରୁ ତାଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି।

# ଧାର୍ଯ୍ୟ ସମୟରେ ହୋଇପାରୁନି ବନକଲାଗି

### ଶ୍ରୀମନ୍ଦିର ପ୍ରଶାସନ -ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବ

ପୁରୀ, ୨୪।୯(ଅଜିତ ମହାନ୍ତି) : ମହାପ୍ରଭୁଙ୍କ ନୀତିକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବ ପୁଣି ସାମ୍ନାକୁ ଆସିଛି। ଯେତେ ନିଜକୁ ସଜାଡ଼ିବାରେ ଲାଗିଲେ ବି ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟ ପଦାରେ ପଡୁଛି। ସମସ୍ତ ପରମ୍ପରାକୁ ଦଳିମକଚି ଶ୍ରୀମନ୍ଦିରରେ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ଚାହୁଁଥିବା ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ମହାପ୍ରଭୁଙ୍କ ବନକଲାଗି ନୀତି କରିବାକୁ ଭକ୍ତମାନଙ୍କ ପକ୍ଷରୁ ଦାବି କରାଯାଇଛି।

ଚଳିତ ବର୍ଷ ଘୋଷଯାତ୍ରା ପରେ ଦଇତାପତି ସେବକ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ବିବାଦ ଯୋଗୁ ଏକମାସରୁ ଊର୍ଦ୍ଧ୍ୱ ଧରି ମହାପ୍ରଭୁଙ୍କ ଶ୍ରୀମୁଖଶୃଙ୍ଗାର ବନ୍ଦ ରହିଥିଲା। ବିବାଦ ସମାଧାନ ପରେ ମହାପ୍ରଭୁଙ୍କ ବନକଲାଗି ମାସକୁ ଦୁଇଥର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏବେ ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ ସମୟ ହେବ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବନ୍ଦ ରହିଛି। ଏହାକୁ ନେଇ ଜଗନ୍ନାଥପ୍ରେମୀ, ସେବାୟତ, ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମହାପ୍ରଭୁଙ୍କୁ ନେଇ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ ସବୁବେଳେ ସମ୍ବେଦନଶୀଳ ବୋଲି କହୁଥିବାବେଳେ ଏବେ ଶ୍ରୀବିଗ୍ରହ ଶ୍ରୀମୁଖ ପ୍ରତି ବିପଦ ପୁଣି ଦେଖାଦେଇଛି। ଏକମାସ ହେବ ମହାପ୍ରଭୁଙ୍କ ବନକଲାଗି ନୀତି ବା ଶ୍ରୀମୁଖ ଶୃଙ୍ଗାର ନୀତି ହୋଇନାହିଁ। ପୂର୍ବରୁ ବନକଲାଗି ନୀତି ସମ୍ପନ୍ନ କରୁଥିବା ଦଇତାପତି ସେବକ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଦୀର୍ଘଦିନ ବିବାଦ ଦେଖାଦେଇଥିବା ବେଳେ ମାସକୁ କେବଳ ଦୁଇଥର ବନକଲାଗି ନୀତି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା। ବୁଧବାର ବନକଲାଗି ହେବ ନା ଗୁରୁବାର ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ଓ ଦଇତାପାପାତ୍ର ସେବକଙ୍କ ମଧ୍ୟରେ ବିବାଦ ଦେଖାଦେଇଥିବା ବେଳେ ବୁଧବାର ବନକଲାଗି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା। କିନ୍ତୁ ଏବେ ଦୀର୍ଘ ଏକମାସ ହେବ ମହାପ୍ରଭୁଙ୍କ ବନକଲାଗି ନୀତି ନ ହେବା ଯୋଗୁ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ମଳିନ ପଡିଲାଣି। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ଏବେ ଅନେକ ନୀତି ଚାଲିଥିବାରୁ ବନକଲାଗି ନୀତି ହେଉନାହିଁ ବୋଲି ଦତ୍ତ ମହାପାତ୍ର ସେବକ କହିଛନ୍ତି। ତେବେ ଆଗାମୀ ଦିନରେ ନୀତି ନିର୍ଦ୍ଧାରିତ ସମୟରେ ହେବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏସମ୍ପର୍କରେ ଗାରଦରୁ ଚିଠି ଆସିବ ବୋଲି ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶେଷଥର ପାଇଁ ଅଗଷ୍ଟ ୨୩ରେ ମହାପ୍ରଭୁଙ୍କ ବନକଲାଗି ନୀତି ହୋଇଥିଲା।




ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖରପୁର ଶାଖା ପକ୍ଷରୁ ଭୁବନେଶ୍ୱର ଓଡିଏମ୍ ସ୍କୁଲ ପରିସରରେ ଆୟୋଜିତ ଜାତୀୟ ବୃନ୍ଦଗାନ ପ୍ରତିଯୋଗିତାରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# 'ସାହିତ୍ୟିକ ଆନୁଷ୍ଠାନିକ ଶିକ୍ଷାରୁ ଊର୍ଦ୍ଧ୍ୱରେ'

### ପ୍ରଫେସର ଆଦିକନ୍ଦ ସାହୁଙ୍କ ତିନୋଟି ପୁସ୍ତକ ଲୋକାର୍ପିତ




ବାଲିପାଟଣା,୨୪।୯(ଅଭିମନ୍ୟୁ ନାୟକ): ପ୍ରଫେସର ଆଦିକନ୍ଦ ସାହୁଙ୍କ ତିନୋଟି ପୁସ୍ତକ 'ସ୍ମୃତି ସେଇ ଏକଲା ମଣିଷର', 'ନିଜ ନିବନ୍ଧ' ଏବଂ ସାହିତ୍ୟ ଓ ସୌନ୍ଦର୍ଯ୍ୟର ପୃଥିବୀ ରବିବାର ଲୋକାର୍ପିତ ହୋଇଯାଇଛି। ଏଥିରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନ ଅତିଥିଭାବେ ଯୋଗଦେଇ କହିଥିଲେ, ସାହିତ୍ୟିକ ଆନୁଷ୍ଠାନିକ ଶିକ୍ଷାରୁ ଊର୍ଦ୍ଧ୍ୱରେ। ନିର୍ଭିକତା ବିନା ସାହିତ୍ୟ ସାଧନା ଅସମ୍ଭବ ବୋଲି ସେ କହିଥିଲେ। ସେହିପରି ବରିଷ୍ଠ ସାହିତ୍ୟିକ ରାଜେନ୍ଦ୍ର ପଣ୍ଡା କହିଥିଲେ, ଆଦିକନ୍ଦ ସାହୁଙ୍କ ସାହିତ୍ୟରେ ନିର୍ଭେଜାଲ ସାହିତ୍ୟର ନିଦର୍ଶନ ମିଳେ। ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ କହିଥିଲେ, କଲମର ଦମ ଲେଖକଙ୍କୁ ଲୋକଲୋଚନକୁ ଆଣେ। କଥାକାର ରାମ ଚନ୍ଦ୍ର ବେହେରା କହିଥିଲେ, ସମସ୍ୟା ଭିତରେ ବୁନ୍ଦି ହେଇ ସାହିତ୍ୟ ସାଧନା କଲେ ସୃଷ୍ଟି ବୁଦ୍ଧିମନ୍ତ ହୁଏ। ପ୍ରଫେସର ନୀଳାଦ୍ରି ଭୂଷଣ ଦାସ କହିଥିଲେ, ଲେଖକଙ୍କ ହୃଦୟ ସୁନ୍ଦର ହେଲେ ସୃଜନଶୀଳତାର ପରିସ୍ଫୁଟନ ହୁଏ। ଲେଖିକା ସବିତା ଦାସ ତାଙ୍କ ମତ ରଖି କହିଲେ ପ୍ରଫେସର ଆଦିକନ୍ଦ ସାହୁଙ୍କ ନିଷ୍କପଟ ସାହିତ୍ୟ ରଚନା କାଳଜୟୀ ହେଇ ରହିବ। ଏହି କାର୍ଯ୍ୟକ୍ରମକୁ ନାଟ୍ୟକାର ଚିନ୍ମୟୀ ଷଡ଼ଙ୍ଗୀ ପରିଚାଳନା କରିଥିଲେ।

# 'ଉପଯୁକ୍ତ ମାର୍ଗଦର୍ଶନ ପାଇଁ ଭାଗବତ ଶ୍ରେଷ୍ଠ ମାଧ୍ୟମ'

ପୁରୀ,୨୪।୯(ଅଜିତ ମହାନ୍ତି)

ପଞ୍ଚସଖାଙ୍କ ମଧ୍ୟରେ ଅନନ୍ୟ ସଖା ତଥା ଭାଗବତ ପ୍ରଣେତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ଦୀର୍ଘ ପାଞ୍ଚଶହ ବର୍ଷ ଧରି ଭାରତରେ ଧର୍ମୀୟ ଜନଜାଗରଣ ସୃଷ୍ଟି ସହ ଶ୍ରୀଜଗନ୍ନାଥ ଓ ଉତ୍କଳୀୟ ସଂସ୍କୃତିକୁ ବିକଶିତ କରିଚାଲିଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି। ରବିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁରୀସ୍ଥିତ ସାତଲହଡ଼ି ମଠ ପରିସରରେ 'ଓଡ଼ିଆ ଭାଗବତର ସର୍ବକାଳୀନ ଉପଯୋଗିତା' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ମାନବ ଜୀବନକୁ ଉପଯୁକ୍ତ ମାର୍ଗଦର୍ଶନ ପାଇଁ ଭାଗବତ ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ। ଅତିବଡ଼ୀଙ୍କ ସାଧନା ଓ ସମାଧି ପୀଠ ସାତଲହଡ଼ି ମଠର ସୁରକ୍ଷା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ସେ ପ୍ରକାଶ କରିଥିଲେ।

ଓଡ଼ିଆ ସାହିତ୍ୟ ଏକାଡେମୀର

### ସାତଲହଡ଼ି ମଠର ସୁରକ୍ଷା ଲାଗି ସରକାର ସଂକଳ୍ପବଦ୍ଧ: ସଂସ୍କୃତି ମନ୍ତ୍ରୀ




ଆଲୋଚନାଚକ୍ରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଏବଂ ଅନ୍ୟ ଅତିଥିମାନେ।

ସଭାପତି କବି ଡ. ହୃଷୀକେଶ ମଲ୍ଲିକଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦିକା ଶୁଚିସ୍ମିତା ମନ୍ତ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସାରସ୍ୱତ ସମ୍ମାନରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଯୋଜନା ବୋର୍ଡର ପ୍ରାକ୍ତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସାହିତ୍ୟ-ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ ଆଲୋଚକ ଭାବେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର, କୃପାସିନ୍ଧୁ ମିଶ୍ର, ସୁମିତ୍ରା କୁମାରୀ ପଟ୍ଟନାୟକ ଯୋଗଦେଇ ଭାଗବତ ଓଡ଼ିଆ ଜାତିର ଧର୍ମୀୟ ଭାବନା ପାଇଁ ଏକ ସମ୍ବିଧାନ ସଦୃଶ ଏବଂ ଏହା ବର୍ଷ ପରେ ବର୍ଷ ମାନବ ଜାତିକୁ ନୀତି ଓ ଆଦର୍ଶ ପଥରେ ଯିବାକୁ ପ୍ରେରଣା ଦେଉଥିବ ବୋଲି କହିଥିଲେ।

ଅତିବଡ଼ୀଙ୍କ ଜୟନ୍ତୀ ସମାରୋହ ପରିପ୍ରେକ୍ଷୀରେ ପ୍ରାତଃ କାଳରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଗୀତିକାର ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଭବ୍ୟ ସଂକୀର୍ତ୍ତନ ପଦଯାତ୍ରା ସିଂହଦ୍ୱାର ଠାରୁ ବାହାରି ସାତଲହଡ଼ି ମଠରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଷ୍ଟାଲିନ ପରିଜା, ଅଧ୍ୟାପକ ବିଶ୍ୱନାଥ ମିଶ୍ର, କବି ବିପିନ୍ ଦଳାଇ, ପାଲାକାର ଜ୍ଞାନ କାନୁନ୍‌ଗୋ, ଜିଲା କଳା-ସଂସ୍କୃତି ସଂଘ ଉପସଭାପତି ବସନ୍ତ ପ୍ରଧାନ, ଜଟାଧାରୀ ମିଶ୍ର, ଏକାଡେମୀ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ପ୍ରମୁଖ ଯୋଗଦେଇଥିଲେ। ଚିନ୍ମୟ ମିଶ୍ର, କୈଳାସ ପାଣିଗ୍ରାହୀ, ଚକ୍ରଧର ମହାପାତ୍ର, ମଠକାଙ୍କୁଡ଼ାର ପ୍ରଭାକର ସାହୁ, କପିଳେଶ୍ୱରପୁରର ପ୍ରାକ୍ତନ ସରପଞ୍ଚ ଲଲାଟେନ୍ଦୁ ମହାନ୍ତି ଓ କବି ପ୍ରଶାନ୍ତ ତ୍ରିପାଠୀ, ପ୍ରଦୀପ୍ତ କୁମାର ଦାସଙ୍କ ସମେତ ବିଭିନ୍ନ କୀର୍ତ୍ତନ ଦଳ, ପାଲାକାର, କଳାକାର, ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସାତଲହଡ଼ି ମଠରେ ଭାଗବତ ପାଠ ପରେ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଶେଷରେ ଏକାଡେମୀର ଉପସଭାପତି କବି ଡ. ସଂଗ୍ରାମ ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ନେତୃତ୍ୱ, ସେବା ମନୋଭାବ ସୃଷ୍ଟି କରେ ଜାତୀୟ ସେବା ଶିବିର

ବୋଲଗଡ଼,୨୪।୯(ଦେବବ୍ରତ ହୋତା)

ଶ୍ରୀରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ପ୍ରଦୀପ ସାହୁଙ୍କ ତତ୍ତ୍ୱାବଧାନରେ ଜାତୀୟ ସେବା ଶିବିରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଶିବିରକୁ ଅଧ୍ୟକ୍ଷ ବଟକୃଷ୍ଣ ସାହୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଉତ୍ତମ କୁମାର ବେହେରା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଦୃଢ଼ ନେତୃତ୍ୱ, ସ୍ୱେଚ୍ଛାସେବୀ ସୃଷ୍ଟି କରିବାରେ ଜାତୀୟ ସେବା ଶିବିରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅଧ୍ୟକ୍ଷ କହିବା ସହ ଆଗାମୀ ଦିନରେ ସମସ୍ତ ଶିବିରାର୍ଥୀ ସେବାକୁ ଆପଣାର ବ୍ରତ ଭାବେ ଗ୍ରହଣ କରିବା, ଚାରାରୋପଣ ଏବଂ ରକ୍ତଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ କଲେଜ ପ୍ରାଙ୍ଗଣରେ ଚାରା ରୋପଣ କରାଯାଇଥିଲା।

### ମଦ ଜବତ, ଜଣେ ଗିରଫ

ବେଗୁନିଆ,୨୪।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ପୋଲିସ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସାନପଦର ଗ୍ରାମର ସୁକାନ୍ତ କୁମାର ପଟ୍ଟନାୟକ। ତାଙ୍କ ନିକଟରୁ ୨୯ ଲିଟର ବିଦେଶୀ ମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୪୧/୨୩) ରୁଜୁ ହୋଇଛି। ଦୀର୍ଘଦିନ ହେବ ସୁକାନ୍ତ ବେଆଇନଭାବେ ମଦ କାରବାର କରିଆସୁଥିବା ଜଣାପଡ଼ିଛି।

### ରାଷ୍ଟ୍ର ହୋମଯଜ୍ଞ ଉଦ୍‌ଯାପିତ

କୃଷ୍ଣପ୍ରସାଦ,୨୪।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପାରିକୁଦଗଡ଼ ସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ରାଷ୍ଟ୍ର ହୋମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ନୀଳକଣ୍ଠ ତ୍ରିପାଠୀଙ୍କ ନେତୃତ୍ୱରେ ସୁରେନ୍ଦ୍ର କୁମାର ମିଶ୍ର, ସନ୍ତୋଷ କୁମାର ପଣ୍ଡା, ସୌମ୍ୟରଞ୍ଜନ ରଥ, ଦେବାଶିଷ ପଣ୍ଡା, ଶ୍ରବଣ କୁମାର ଦାଶ, ଟୁକୁନା ଦାଶ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ପାରିକୁଦ ରାଜା ସନ୍ତୋଷ ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ୫ ମୌଜା ପରିଚାଳନା କମିଟି ପକ୍ଷରୁ ଏହି ଯଜ୍ଞ ଆୟୋଜନ କରାଯାଇଥିଲା। ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ ଉତ୍ସବ ପରିଚାଳନା କରିଥିବା ବେଳେ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଆୟନ ୱାରିୟର୍ସ ବିଜୟୀ

ଦ୍ୱିତୀୟ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ଜଟଣୀ,୨୩।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜରୀ ପଞ୍ଚାୟତର ଇସ୍‌ଲାମ ଷ୍ଟାର କ୍ରିକେଟ ଖେଳପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଆୟନ ୱାରିୟର୍ସ ଏବଂ ମୁକ୍ତାର ସାର୍କି କନଷ୍ଟ୍ରକ୍ସନ ଫାଇଟର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମୁକ୍ତାର ସାର୍କି କନଷ୍ଟ୍ରକ୍ସନ ଫାଇଟର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୦୯ରନ ସଂଗ୍ରହ କରିଥିଲା। ଜବାବରେ ଆୟନ ୱାରିୟର୍ସ ଟିମ୍ ବ୍ୟାଟିଂ କରି ୯.୨ ଓଭରରେ କୌଣସି ଉଇକେଟ ନ ହରାଇ ୧୧୦ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଏମ୍‌ଡି ସମିମ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ସାହା ଆସିକ ଅଲ୍ଲୀ ଓ ବସିରୁଲା ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ବେଣାପଞ୍ଜରୀ ପଞ୍ଚାୟତ ବିଜେଡି ସଭାପତି ମହମ୍ମଦ କୌଶର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# 'ଲେଖାରେ ଏକାତ୍ମ ମନୋଭାବ ରହୁ'

ଖୋର୍ଦ୍ଧା,୨୪।୯(ପ୍ରଭାତ ପାଣିଗ୍ରାହୀ)



'ଆମରି ସତ୍ୟ' ପତ୍ରିକାର ତ୍ରୟୋଦଶତମ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

**'ଆମରି ସତ୍ୟ' ପତ୍ରିକାର ତ୍ରୟୋଦଶତମ ବାର୍ଷିକୋତ୍ସବ**

- ସତ୍ୟବାଦୀ, ରମାକାନ୍ତ ଓ ଗୋପାଳ ସମ୍ମାନିତ
- ୨ପୁସ୍ତକ ଉନ୍ମୋଚିତ, ମନମୋହିଲା ପାଲା

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନରେ ରବିବାର 'ଆମରି ସତ୍ୟ' ପତ୍ରିକାର ତ୍ରୟୋଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ.ପ୍ରସନ୍ନ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଉତ୍ସବର ଉଦ୍‌ଘାଟକ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି କହିଥିଲେ, ସାହିତ୍ୟିକମାନେ ଗଳ୍ପ, ଉପନ୍ୟାସ ଏବଂ ଆତ୍ମଜୀବନୀ ଲେଖିବା ଉପରେ ଗୁରୁତ୍ୱ ଦେବା ଉଚିତ। ସେହିପରି ମୁଖ୍ୟ ଅତିଥି ଜେଏନ୍‌ୟୁ ପ୍ରଫେସର ଉଦୟନାଥ ସାହୁ କହିଥିଲେ, ଓଡ଼ିଆ ଭାଷା ସମସ୍ତ ଶାସ୍ତ୍ରୀୟ ଭାଷାଠାରୁ ପ୍ରାଚୀନ। ଆମ ଭାଷାର ଉତ୍କୃଷ୍ଟତାକୁ ବିଶ୍ୱ ଦରବାରରେ ଯଥୋଚିତ ଭାବେ ଉପସ୍ଥାପିତ କରିପାରୁ ନାହୁଁ। ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ସବୁସ୍ତରରେ ଉଦ୍ୟମ ଜରୁରୀ। ମାଆ, ମାଟି ଏବଂ ମାତୃଭାଷା ସର୍ବଦା ବନ୍ଦନୀୟ। ଏଥିପ୍ରତି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ସମ୍ମାନିତ ଅତିଥି ସ୍ୱାମୀ ଜୟଦେବ ଭାରତୀ କହିଥିଲେ, କବି, ଲେଖକ ଓ ସାହିତ୍ୟିକଙ୍କ ଜୀବନରେ ସାଧୁତା ପ୍ରତିଫଳିତ ହେଉ। ଏକାତ୍ମ ମନୋଭାବ ସହ ମାନବିକତା ଲେଖାରେ ପରିଦୃଷ୍ଟ ହେଉ। ଅନ୍ୟତମ ଅତିଥି ଡ.ବିଷ୍ଣୁ ଚରଣ ସାହୁ କହିଥିଲେ, ଆମରିସତ୍ୟ ପତ୍ରିକା ସମସ୍ତ ଛାତ୍ର, ଶିକ୍ଷକ ଏବଂ ଗବେଷଣାରତ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଉପାଦେୟ ହୋଇପାରିଛି।

ଏହି ଅବସରରେ ତ୍ରିଲୋଚନ ମହାପାତ୍ରଙ୍କ 'ଦୃଷ୍ଟିକୋଣ' ଏବଂ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ 'ଗୀତି ମଞ୍ଜୁଷା'ପୁସ୍ତକ ଉନ୍ମୋଚିତ ହୋଇଥିଲା। ଚଳିତ ବର୍ଷ 'ଆମରିସତ୍ୟ ସମ୍ମାନ' ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ସାରସ୍ୱତ ସମ୍ମାନ ପଣ୍ଡିତ ରମାକାନ୍ତ ମିଶ୍ର ଏବଂ ନାଟ୍ୟ ସମ୍ମାନ ନାଟ୍ୟକାର ଗୋପାଳ ଦେ ଙ୍କୁ ପ୍ରଦାନ କରାଯାଇଛି। ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଡ.ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଆଦିନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ। ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମରଜିତ୍ ପଟ୍ଟନାୟକ, ବିଭୁପ୍ରସାଦ ହରିଚନ୍ଦନ ଏବଂ ଡ. ସୁକାନ୍ତି ମହାପାତ୍ରଙ୍କ ସଂଯୋଜନାରେ ୬୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ କବିତାପାଠ କରିଥିଲେ। ସୁରେଶ ସ୍ୱାଇଁ ଏବଂ ତାଙ୍କ ଦଳ ପାଲା ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାମଶଙ୍କର, ଜବାହରଲାଲ ସୁବୁଦ୍ଧି, ବାସୁଦେବ ସାହୁ, ନଟବର ସ୍ୱାଇଁ, କିଶୋର ଚନ୍ଦ୍ର ପାଇକରାୟ, ଅଧ୍ୟାପକ ଆଶୁତୋଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ନୂତନ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତିଙ୍କ ଇସ୍ତଫା

ଟାଙ୍ଗୀ,୨୪।୯(ରଘୁନାଥ ସାହୁ)

ନିଖିଳ ଉତ୍କଳ ପ୍ରାଥମିକ ଫେଡେରେସନ ନେତୃତ୍ୱରେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରି ଶେଷରେ କାର୍ଯ୍ୟ ବନ୍ଦରେ ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସାମିଲ ହୋଇଥିଲା। ରାଜ୍ୟ ନେତୃତ୍ୱର ନିଷ୍ପତ୍ତିକୁ ଅଗଣତାନ୍ତ୍ରିକ ଭାବେ ଘୋଷଣା କରି ଶନିବାର ମା'ଉଗ୍ରତାରା ମନ୍ଦିର ପରିସରରେ ଏକ ନୂତନ ପ୍ରାଥମିକ ଶିକ୍ଷକ ସଂଘ ଗଠନ କରିଥିଲେ। ୨୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ୯ଟି ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କୁ ଡାକି ଆଲୋଚନା କରିଥିଲେ। ଅନ୍ୟ ଏକ ସଂଘକୁ ଆଲୋଚନାରେ ଭାଗ ନେବାପାଇଁ ଡକାଗଲା ନାହିଁ। ଏହାର ପ୍ରତିବାଦରେ ଦୁଇ ଦିନ ପୂର୍ବେ ଗଠନ ହୋଇଥିବା ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ବେହେରା ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଫଳରେ ଶିକ୍ଷକ ସଂଘରେ ଅସନ୍ତୋଷ ପ୍ରକାଶ ପାଇଛି।

# ବାରମାସରେ ତେରପର୍ବ ନୃତ୍ୟ ମନମୋହିଲା





ଜଙ୍କିଆ ପଲ୍ଲୀ ଉତ୍ସବର ଷଷ୍ଠ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

**ଜଙ୍କିଆ ପଲ୍ଲୀ ଉତ୍ସବର ଷଷ୍ଠ ସନ୍ଧ୍ୟା**

ନିରାକାରପୁର,୨୪।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆଠାରେ ଓଁଶ୍ରୀ ଗ୍ରୁପ ପୂଜା କମିଟି ପକ୍ଷରୁ ବାସନ୍ତୀ ପଡିଆଠାରେ ଚାଲିଥିବା ଦ୍ୱାଦଶତମ ଜଙ୍କିଆ ପଲ୍ଲୀ ଉତ୍ସବର ରବିବାର ଷଷ୍ଠ ସନ୍ଧ୍ୟାରେ କଟକର ନୃତ୍ୟଶ୍ରୀ କଳା ଏକାଡେମୀ ପକ୍ଷରୁ ପରିବେଷିତ ବାରମାସରେ ତେରନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ଅନୁରୂପଭାବେ ଶିଳ୍ପିକା ଏକାଡେମୀ ଭୁବନେଶ୍ୱର, ନୀଳଶୈଳ ଡ୍ୟାନ୍ସ ଏକାଡେମୀ ଓ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅନ୍ୟାନ୍ୟ ନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡୟତରାୟ, ସାମାଜିକ କର୍ମୀ ସୁରେନ୍ଦ୍ର ନାଥ ଜେନା ପ୍ରମୁଖ ଯୋଗଦେଇ ଦିର୍ଘ ୧୨ ବର୍ଷ ଧରି ଏହି ଉତ୍ସବ ଚଳାଉଥିବା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। କମଳେଶ ମହାରଣା ଓ ଅଶ୍ୱିନୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସାମାଜିକ କର୍ମୀ ବିଶ୍ୱ ଭୂଷଣ ଛୋଟରାୟ ଧନ୍ୟବାଦ ଦେଇଥିଲେ। ସଂଗ୍ରାମ ପଟ୍ଟନାୟକ, କେଦାର ବଳବନ୍ତରାୟ, ରାଜେଶ ପାତାଳସିଂହ, ରାକେଶ ଜେନା, ଇନ୍ଦ୍ରଜିତ ମାଟି, କୁଳଦୀପ ଛୋଟରାୟଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ପାଳିତ

ବାଲୁଗାଁ,୨୪।୯(ସଂଗ୍ରାମ ପାଇକରାୟ)

ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ଉପଲକ୍ଷେ ବାଲୁଗାଁ ମହାବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ମହାବିଦ୍ୟାଳୟ ପରିସରରେ ଚାରାରୋପଣ ଓ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟକ୍ଷା ଡ. କଳ୍ପନା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସୁସାହିତ୍ୟିକ ବାଳମୁକୁନ୍ଦ ଦାସ ଯୋଗଦେଇ ସେବା ଓ ସମର୍ପଣ ମନବୃତ୍ତି ରଖି କାର୍ଯ୍ୟ କଲେ ଶିକ୍ଷାର୍ଥୀ ଜୀବନ ସାର୍ଥକ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଡ.କୈଳାସ ଚନ୍ଦ୍ର ମହାରଣା, ଶିବରାମ ସିଂ, ପ୍ରବୀଣ କୁମାର ଜେନା,ଏନ୍‌ସିସି ଅଫିସର ଡ.ଅକ୍ଷୟ କୁମାର ମିଶ୍ର ପ୍ରମୁଖ ସ୍ୱେଚ୍ଛାସେବୀଙ୍କୁ ଜାତୀୟ ସେବା ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଉପଲବ୍ଧି ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ସ୍ୱେଚ୍ଛାସେବୀମାନେ ବଡକୂଳ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଜୀବନ ବିନ୍ଦୁ ରକ୍ତଦାନ ଶିବିରରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଓ ରୀନା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଗ୍ରାମ କେଶରୀ ବେହେରା, ଆଲୋକ ବେହେରା, ସନ୍ତୋଷ ବାରିକ, ରଶ୍ମିରଞ୍ଜନ ଜାଲି, ସନ୍ଧ୍ୟାରାଣୀ ବେହେରା, ରଶ୍ମିରେଖା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପ୍ରତିଭାଙ୍କୁ ପରିଚୟ ଦିଏ ସମ୍ବର୍ଦ୍ଧନା

ବୋଲଗଡ଼,୨୪।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ ସର୍କଲ ଅବସରପ୍ରାପ୍ତ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବାଙ୍କୋଇ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ୫ଜଣ ବରିଷ୍ଠ ନାଗରିକ ଏବଂ ୬ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବାଙ୍କୋଇ ସର୍କଲ ଅବସରପ୍ରାପ୍ତ ସମନ୍ୱୟ ସମିତିର ସଭାପତି ଶିକ୍ଷାବିତ କୁଳମଣି ହୋତାଙ୍କ ପୌରୋହିତ୍ୟ କରିଥିବା ବେଳେ ଅତିଥିଭାବେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଦ୍ରୁଲ ହୁସେନ ଖାଁ ଏବଂ ସମାଜସେବୀ ଶିବ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ସେହିପରି ଆୟୋଜକ ଅନୁଷ୍ଠାନର ସମ୍ପାଦକ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସାହୁ, ଉପଦେଷ୍ଟା ଶିକ୍ଷାବିତ କୃଷ୍ଣଚନ୍ଦ୍ର ବଳିୟାରସିଂହ, ମାଧବଚନ୍ଦ୍ର ପଣ୍ଡା, ସମାଜସେବୀ ଭୀମସେନ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ ଜୟକୃଷ୍ଣ ଫତେସିଂହଙ୍କ ସମେତ ଅନ୍ୟମାନେ ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷକ ନନ୍ଦ କିଶୋର ନାୟକ ସମ୍ବର୍ଦ୍ଧନା ସଭା କାର୍ଯ୍ୟ ଉପସ୍ଥାପନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଥିବା ବରିଷ୍ଠ ନାଗରିକ ଭାବେ ଜୟକୃଷ୍ଣ ପରିଡା, ଯୁଧିଷ୍ଠିର ମାର୍ଥା, ମୁକୁନ୍ଦ ପଣ୍ଡା, ଦୀନବନ୍ଧୁ ପଲେଇ,ମାନଗୋବିନ୍ଦ ପରମାଣିକଙ୍କ ସମେତ ମେଧାବୀ ଛାତ୍ର ରୁଦ୍ର ନାରାୟଣ ମହାରଣା, ପ୍ରିୟବ୍ରତ ସାହୁ, ରୁଦ୍ର ନାରାୟଣ ନିକାପ, ଛାତ୍ରୀ ନୀଳାଞ୍ଜନା ପାଇକରାୟ, ଲକ୍ଷ୍ମୀପ୍ରିୟା ଦାସ ଓ ରୋନି ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବିଷ୍ଣୁ ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# 'ମାତାପିତାଙ୍କ ସହଯୋଗ ବିନା ଶିକ୍ଷା ବିକାଶ ଅସମ୍ଭବ'





ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼,୨୪।୯(ଦେବବ୍ରତ ହୋତା)

ରାଜ୍ୟ ଅନୁସୂଚିତ ଜାତି-ଜନଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶକ୍ରମେ ବୋଲଗଡ଼ ବ୍ଲକ ମାଣିବନ୍ଧ ପଞ୍ଚାୟତ ଅନ୍ତର୍ଗତ ଦଦରାକାନ୍ଥସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟ ଆନୁକୂଲ୍ୟରେ ଏବଂ ପ୍ରଧାନ ଶିକ୍ଷକ ବିଦ୍ୟାଭୂଷଣ ତ୍ରିପାଠୀଙ୍କ ଆବାହକତ୍ୱରେ ପିତା-ମାତା ସହଭାଗିତା ସଚେତନତା କାର୍ଯ୍ୟକ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୋଲଗଡ଼ ବ୍ଲକ ଜାତି ଓ ଜନଜାତି ଉନ୍ନୟନ ଅଧିକାରୀ ସ୍ୱାଧୀନ ସୌରଭ ବର୍ମନ, ମୁଖ୍ୟବକ୍ତା ହରିପୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବାନନ୍ଦ ନାୟକ ଓ ସମ୍ମାନିତ ଅତିଥିଭାବେ ଶିକ୍ଷୟିତ୍ରୀ ମିନତୀ ଦଲାଲ, ଶିକ୍ଷକ ଗୌରଚନ୍ଦ୍ର ସୁବୁଦ୍ଧି ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ଦାସ ବେଦ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର ଓ ଗଜପତି ଜିଲାର ବହୁ ଅଭିଭାବକ ଓ ଅଭିଭାବିକାମାନେ ଯୋଗଦେଇଥିଲେ। ଏହି ସରକାରୀ ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୧ଜଣ ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ପ୍ରଧାନଶିକ୍ଷକ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ସଦାନନ୍ଦ ନାୟକ ଅତିଥି ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଝୋଟି, ଚିତ୍ରାଙ୍କନ, ବିଜ୍ଞାନ ମେଳା, ନୃତ୍ୟ, ସଙ୍ଗୀତ, ବକ୍ତୃତା ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତ ସଚେତନ ଅଭିଭାବକମାନେ ଦାୟିତ୍ୱ ନେଇ ପାଠପଢ଼ାରେ ସହଯୋଗ କଲେ ପିଲାମାନଙ୍କର ଶିକ୍ଷାର ବିକାଶରେ ଉନ୍ନତି ହୋଇପାରିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପଙ୍କଜିନୀ ଦାସ, ମନୀଷା ମଲ୍ଲିକ, ସବନମ ମାଝୀ, ମିନା ଦେଈ, ଶଶିକାନ୍ତ ଖଟୁଆ, କବି ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ନୃସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଝଲସୁଛି ମଣ୍ଡପ, ମନଜିଣୁଛି ସାଂସ୍କୃତିକ କାର୍ଯ୍ୟକ୍ରମ

ଜଟଣୀ,୨୪।୯(ରବୀନ୍ଦ୍ର ନାଥ ମହାକୁଡ଼)

**ଜଟଣୀ ଗଣେଶ ମହୋତ୍ସବ**

ଚଳିତ ବର୍ଷ ଜଟଣୀରେ ୨ଶହରୁ ଊର୍ଦ୍ଧ୍ୱ ସ୍ଥାନରେ ଗଣେଶ ପୂଜା ଅନୁଷ୍ଠିତ ହେଉଛି। ରଙ୍ଗୀନ ଆଲୋକମାଳା ସହ ଆକର୍ଷଣୀୟ ସାଜସଜ୍ଜାରେ ପୂଜାମଣ୍ଡପ ଝଲସୁଛି। ବିଭିନ୍ନ ମଣ୍ଡପ ନିକଟରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହୁଛି।

ରବିବାର ଷଷ୍ଠ ଦିବସରେ ଗୋପବନ୍ଧୁ ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ଆୟୋଜିତ ଭଜନ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପ୍ରବକ୍ତା ତଥା ଭାରତୀୟ ତୈଳ ନିଗମ ନିର୍ଦ୍ଦେଶକ ସୁଦୀପ୍ତ ରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ସମ୍ମାନିତ ଅତିଥିଭାବେ ଭାଜପା ଯୁବ ସଙ୍ଗଠକ ସତୀଶ ଶର୍ମା, ଜିଲା ଭାଜପା ମିଡିଆ ସେଲ ସଂଯୋଜକ ପ୍ରଦୀପ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ଜିଲା ଭାଜପା ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ରଶ୍ମିମୟୀ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାଜପା ନେତ୍ରୀ ରୋଜିନା ଦାଶ, ଖବରଦାତା ଦେବବ୍ରତ ଷେଣ୍ଡ଼, ଭାଜପା ସଙ୍ଗଠକ ଯୋଗେନ୍ଦ୍ର ନାୟକ ଏବଂ ଓଡ଼ିଶୀ ନୃତ୍ୟଙ୍ଗାନା ଶୁଭଆଶ୍ରିତା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ସୁରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ସୁଶାନ୍ତ ରାଉତ ସହଯୋଗ କରିଥିଲେ। ରଶ୍ମିତା ନାୟକ ମଞ୍ଚ ପରିଚାଳନା କରିଥିଲେ।

ସେହିପରି ହରିଭାଇନା ଛକ ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ବାଦି ପାଲା ପରିବେଷଣ କରାଯାଉଛି। ସେହିପରି ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ ଗଣେଶ ମୋହତ୍ସବ ମଣ୍ଡପରେ ରାଜ ଏଣ୍ଟରଟେନମେଣ୍ଟ କଟକର କଳାକାରଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା। ବ୍ୟବସାୟୀ ସଂଘ ସଭାପତି ହେମନ୍ତ ସୁନ୍ଦରାୟଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ାବିତ୍ ଚେତନ ଭୂୟାଁ, ଜଟଣୀ ବାର ଆସୋସିଏଶନର ସମ୍ପାଦକ ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଖବରଦାତା ଅମରେଶ ରାଉତରାୟ, ହୃଦାନନ୍ଦ କଦମାନସିଂ,ରଙ୍ଗନାଥ ବେହେରା, ଏମଡି. ଇସମାଇଲ ଅଲି, ହରିହର ସ୍ୱାଇଁ, ରବୀନ୍ଦ୍ର ନାଥ ମହାକୁଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିନୟ କୁମାର ସାହୁ, ମାନସ ମିଶ୍ର, ଗୁଡ୍ଡୁ ଅଗ୍ରୱାଲ, ନିମାଇଁ ଚରଣ ଦାଶ, ନରେଶ ଅଗ୍ରୱାଲଙ୍କ ସମେତ ବହୁ ସଦସ୍ୟ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।



ଜଟଣୀ ଗଣେଶ ପୂଜାର ଷଷ୍ଠ ଦିବସରେ ପୋଷ୍ଟ ଅଫିସ ବ୍ୟବସାୟୀ ସଂଘ ପକ୍ଷରୁ ଅନୁଷ୍ଠିତ ମେଲୋଡି କାର୍ଯ୍ୟକ୍ରମ।



ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ଭଜନ କାର୍ଯ୍ୟକ୍ରମ।



ହରିଭାଇନା ଛକ ବ୍ୟବସାୟୀ ସଂଘ ପକ୍ଷରୁ ଅନୁଷ୍ଠିତ ବାଦୀ ପାଲା।

## ସଂକ୍ଷେପରେ

### 'ମେରି ମାଟି, ମେରା ଦେଶ' କାର୍ଯ୍ୟକ୍ରମ

**ପୁରୀ, ୨୪।୯(ଅଜିତ ମହାନ୍ତି):** ଆଜାଦି କା ଅମୃତ ମହୋତ୍ସବ ଆନୁକୂଲ୍ୟରେ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ ଶୁକ୍ରବାର ପୁରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ପୁରୀର ଅବିସ୍ମରଣୀୟ ବୀରପୁତ୍ରମାନଙ୍କ ଗ୍ରାମକୁ ଭ୍ରମଣ କରିବା ସହ ସେମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଦେଶଭକ୍ତିର ପରିଚୟ ଦେଇଥିଲେ। ସାକ୍ଷୀଗୋପାଳର ଶହୀଦ ଦେବାଶିଷ ବିଶ୍ୱାଳ, ହରେକୃଷ୍ଣପୁର ଗ୍ରାମରେ ଥିବା ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି, ଚନ୍ଦନହଜୁରୀ ରୋଡ଼ସ୍ଥିତ ଚାଖୀ ଖୁଣ୍ଟିଆ ଏବଂ ସୁଆଣ୍ଡୋ ଗ୍ରାମରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମେରି ମାଟି ମେରା ଦେଶ ଅଭିଯାନର ଅମୃତ ଉଦ୍ଦେଶ୍ୟକୁ ସାକାର କରିବା ଦିଗରେ ଅଗ୍ରଣୀ ଭୂମିକା ବହନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଅନନ୍ତ କୁମାର ଛାତ୍ରୀଛାତ୍ରଙ୍କୁ ଜିଲାର ଶହୀଦ୍‌ମାନଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ମନମୋହନ ଖୁଣ୍ଟିଆ, ଦେବବ୍ୟାସ ରାୟ, ଶ୍ରୀନିବାସ ମହାରଥୀ ପ୍ରମୁଖ ସହଯୋଗ କରିଥିଲେ।

### ରାଷ୍ଟ୍ର ହୋମଯଜ୍ଞ ଉଦ୍‌ଯାପିତ

**କୃଷ୍ଣପ୍ରସାଦ,୨୪।୯(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପାରିକୁଦଗଡ଼ସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ରାଷ୍ଟ୍ର ହୋମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ନୀଳକଣ୍ଠ ତ୍ରିପାଠୀଙ୍କ ନେତୃତ୍ୱରେ ସୁରେନ୍ଦ୍ର କୁମାର ମିଶ୍ର, ସନ୍ତୋଷ କୁମାର ପଣ୍ଡା, ସୌମ୍ୟରଞ୍ଜନ ରଥ, ଦେବାଶିଷ ପଣ୍ଡା, ଶ୍ରବଣ କୁମାର ଦାଶ, ଗୁକୁନା ଦାଶ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ପାରିକୁଦ ରାଜା ସନ୍ତୋଷ ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ୫ ମୌଜା ପରିଚାଳନା କମିଟି ପକ୍ଷରୁ ଏହି ଯଜ୍ଞ ଆୟୋଜନ କରାଯାଇଥିଲା। ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ ଉତ୍ସବ ପରିଚାଳନା କରିଥିବା ବେଳେ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### 'ଭଲ ପାଇବାକୁ ଭୟ ଲାଗୁଛି' ନାଟକ ମଞ୍ଚସ୍ଥ

**କୃଷ୍ଣପ୍ରସାଦ,୨୪।୯(କୈଳାସଚନ୍ଦ୍ରପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାମଲେଙ୍କା ପଞ୍ଚାୟତର ଶନିଶ୍ଚର ଦେବ ଯୁବକ ସଂଘ ରାମଲେଙ୍କା ଆନୁକୂଲ୍ୟରେ ସାମାଜିକ ନାଟକ 'ଭଲ ପାଇବାକୁ ଭୟ ଲାଗୁଛି' ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟ ଉତ୍ସବକୁ ଅବସରପ୍ରାପ୍ତ ସେନା ଅଧିକାରୀ ଦୀପକ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସଭା ଆୟୋଜିତ ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରାମଲେଙ୍କା ପଞ୍ଚାୟତ ସରପଞ୍ଚ ସବିତା ବିଶାଳ, ମୁଖ୍ୟ ବକ୍ତାଭାବେ ଜାଭିୟର ସ୍କୁଲ ମାଲୁଦ ଅଧ୍ୟକ୍ଷ ପୀତାମ୍ବର ଦଳେଇଙ୍କ ସମେତ ବହୁ ବ୍ୟକ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଧର ଦଳବେହେରା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ମାଷ୍ଟର ବିଜୟ କୁମାର ବିଶାଳ ଏବଂ ସହ ନିର୍ଦ୍ଦେଶକ ସୁବ୍ରତ କୁମାର ବିଶାଳଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ଉତ୍ସବ ପରିଚାଳନାରେ ମ୍ୟାନେଜର ଯୋଗେନ୍ଦ୍ର ବିଶ୍ୱାଳ, ବିଷ୍ଣୁ ପ୍ରସାଦ ବିଶ୍ୱାଳ, ବିକ୍ରମ ମହାରଣା, ବିଶ୍ୱଜିତ ବିଶ୍ୱାଳ, ମିଥୁନ ବିଶ୍ୱାଳ, ଚିତ୍ତ ରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ କୁମାର ବିଶ୍ୱାଳ ସହଯୋଗ କରିଥିଲେ। ଶନିଶ୍ଚର ଦେବ ଯୁବକ ସଂଘର କର୍ମକର୍ତ୍ତା ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ।

# 'ଉପଯୁକ୍ତ ମାର୍ଗଦର୍ଶନ ପାଇଁ ଭାଗବତ ଶ୍ରେଷ୍ଠ ମାଧ୍ୟମ'



ଆଲୋଚନାଚକ୍ରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଏବଂ ଅନ୍ୟ ଅତିଥିମାନେ।

**ପୁରୀ,୨୪।୯(ଅଜିତ ମହାନ୍ତି):** ପଞ୍ଚସଖାଙ୍କ ମଧ୍ୟରେ ଅନନ୍ୟ ସଖା ତଥା ଭାଗବତ ପ୍ରଣେତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ଦୀର୍ଘ ପାଞ୍ଚଶହ ବର୍ଷ ଧରି ଭାରତରେ ଧର୍ମୀୟ ଜନଜାଗରଣ ସୃଷ୍ଟି ସହ ଶ୍ରୀଜଗନ୍ନାଥ ଓ ଉତ୍କଳୀୟ ସଂସ୍କୃତିକୁ ବିକଶିତ କରିଚାଲିଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି। ରବିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁରୀସ୍ଥିତ ସାତଲହଡ଼ି ମଠ ପରିସରରେ 'ଓଡ଼ିଆ ଭାଗବତର ସର୍ବକାଳୀନ ଉପଯୋଗିତା' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ମାନବ ଜୀବନକୁ ଉପଯୁକ୍ତ ମାର୍ଗଦର୍ଶନ ପାଇଁ ଭାଗବତ ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ। ଅତିବଡ଼ୀଙ୍କ ସାଧନା ଓ ସମାଧି ପୀଠ ସାତଲହଡ଼ି ମଠର ସୁରକ୍ଷା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ସେ ପ୍ରକାଶ କରିଥିଲେ।

ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି କବି ଡ. ହୃଷୀକେଶ ମଲ୍ଲିକଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦିକା ଶୁଚିସ୍ମିତା ମନ୍ତ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସାରସ୍ୱତ ସମ୍ମାନରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଯୋଜନା ବୋର୍ଡର ପ୍ରାକ୍ତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସାହିତ୍ୟ-ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ ଆଲୋଚକ ଭାବେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର, କୃପାସିନ୍ଧୁ ମିଶ୍ର, ସୁମିତ୍ରା କୁମାରୀ ପଟ୍ଟନାୟକ ଯୋଗଦେଇ ଭାଗବତ ଓଡ଼ିଆ ଜାତିର ଧର୍ମୀୟ ଭାବନା ପାଇଁ ଏକ ସମ୍ବିଧାନ ସଦୃଶ ଏବଂ ଏହା ବର୍ଷ ପରେ ବର୍ଷ ମାନବ ଜାତିକୁ ନୀତି ଓ ଆଦର୍ଶ ପଥରେ ଯିବାକୁ ପ୍ରେରଣା ଦେଉଥିବ ବୋଲି କହିଥିଲେ।

### ସାତଲହଡ଼ି ମଠର ସୁରକ୍ଷା ଲାଗି ସରକାର ସଂକଳ୍ପବଦ୍ଧ: ସଂସ୍କୃତି ମନ୍ତ୍ରୀ

ଅତିବଡ଼ୀଙ୍କ ଜୟନ୍ତୀ ସମାରୋହ ପରିପ୍ରେକ୍ଷୀରେ ପ୍ରାତଃ କାଳରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଗୀତିକାର ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଭବ୍ୟ ସଂକୀର୍ତ୍ତନ ପଦଯାତ୍ରା ସିଂହଦ୍ୱାର ଠାରୁ ବାହାରି ସାତଲହଡ଼ି ମଠରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଷ୍ଟାଲିନ ପରିଜା, ଅଧ୍ୟାପକ ବିଶ୍ୱନାଥ ମିଶ୍ର, କବି ବିପିନ୍ ଦଳାଇ, ପାଲାକାର ଜ୍ଞାନ କାନୁନ୍‌ଗୋ, ଜିଲା କଳା-ସଂସ୍କୃତି ସଂଘ ଉପସଭାପତି ବସନ୍ତ ପ୍ରଧାନ, ଜଟାଧାରୀ ମିଶ୍ର, ଏକାଡେମୀ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ପ୍ରମୁଖ ଯୋଗଦେଇଥିଲେ। ଚିନ୍ମୟ ମିଶ୍ର, କୈଳାସ ପାଣିଗ୍ରାହୀ, ଚକ୍ରଧର ମହାପାତ୍ର, ମଠକାଞ୍ଜୁଡ଼ାର ପ୍ରଭାକର ସାହୁ, କପିଳେଶ୍ୱରପୁରର ପ୍ରାକ୍ତନ ସରପଞ୍ଚ ଲଲାଟେନ୍ଦୁ ମହାନ୍ତି ଓ କବି ପ୍ରଶାନ୍ତ ତ୍ରିପାଠୀ, ପ୍ରଦୀପ୍ତ କୁମାର ଦାସଙ୍କ ସମେତ ବିଭିନ୍ନ କୀର୍ତ୍ତନ ଦଳ, ପାଲାକାର, କଳାକାର, ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସାତଲହଡ଼ି ମଠରେ ଭାଗବତ ପାଠ ପରେ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଶେଷରେ ଏକାଡେମୀର ଉପସଭାପତି କବି ଡ. ସଂଗ୍ରାମ ଜେନା ଧନ୍ୟବାଦ ଦେଇଥିଲେ।



ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନ୍ ପକ୍ଷରୁ ଚିଫ୍ କନ୍‌ଭେନର ଭାବେ ମନୋନୀତ ହୋଇଥିବା ପ୍ରମୋଦ କୁମାର ଜେନାଙ୍କୁ ସମ୍ବର୍ଦ୍ଧନା କରାଯାଉଛି।

### ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନ୍
## ପ୍ରମୋଦ ଜେନା ଚିଫ୍ କନ୍‌ଭେନର

**ପୁରୀ,୨୪।୯(ଅଜିତ୍ ମହାନ୍ତି):** ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନ୍ ପକ୍ଷରୁ ପୁରୀର ପ୍ରମୋଦ କୁମାର ଜେନାଙ୍କୁ ଚିଫ୍ କନ୍‌ଭେନର ଭାବେ ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସେଲ୍ଫ ଡିଫେନ୍ସ ଏକାଡେମୀ ଓଡ଼ିଶା, ଉଦୟ ବକ୍ସିଂ ଏକାଡେମୀ ପୁରୀ ଏବଂ ପୁରୀ ସ୍ପୋର୍ଟସ ଲଭର୍ସର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ଯୁଥ ହଷ୍ଟେଲ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ରାଜ୍ୟ ଯୁବ ବିଜେଡି ଉପସଭାପତି ସୁନିଲ ମହାନ୍ତି, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ବେହେରା, ବରିଷ୍ଠ ସେବାୟତ ଗୌରୀଶଙ୍କର ସିଂହାରୀ, କ୍ରୀଡ଼ା ପ୍ରଶିକ୍ଷକ ରବୀନ୍ଦ୍ରନାଥ ସେନାପତି, ଜିମ୍ନାଷ୍ଟିକ୍ କୋଚ୍ ପ୍ରଦୀପ କୁମାର ସାହୁ, ଜାତୀୟ ସ୍ତରର ବକ୍ସିଂ ଖେଳାଳି ହରିହର ପାଢ଼ୀ, ଖବରଦାତା ଜଗନ୍ନାଥ ବଡ଼ୁଆ, ସଭାପତି ଚକ୍ରଧର ମହାପାତ୍ର ଏବଂ ସହସମ୍ପାଦକ ବିଶ୍ୱନାଥ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସମ୍ପାଦକ କ୍ରୀଡ଼ା ସଙ୍ଗଠକ ତଥା ସମ୍ପାଦକ ସବ୍ୟସାଚୀ ରଥ ଯୋଗଦେଇ ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନ୍ ପକ୍ଷରୁ ପ୍ରମୋଦଙ୍କୁ ଚିଫ କନ୍‌ଭେନର ଭାବେ ମନନୋୟନ କରାଯାଇଥିବା ଘୋଷଣା କରିଥିଲେ। ଅତିଥିମାନେ ପ୍ରମୋଦଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ଯୁବ ବକ୍ସରମାନେ କିପରି ଉତ୍ତମ ପ୍ରଶିକ୍ଷଣ ପାଇ ଜିଲା ଓ ରାଜ୍ୟର ନାମ ରଖିବେ ସେଥିପାଇଁ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସବ୍ୟସାଚୀ ରଥ ପରିଚାଳନା କରିଥିଲେ।

### ସଂସ୍କୃତ ଦିବସ ସମାରୋହ

**ପୁରୀ, ୨୪।୯(ଅଜିତ୍ ମହାନ୍ତି)** ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗରେ ବିଶ୍ୱ ସଂସ୍କୃତ ଦିବସ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ମିହିର ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାନୁଶାସକ ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସଂସ୍କୃତ ଭାଷା ଓ ତା'ର ସାହିତ୍ୟ ହିଁ ଭାରତୀୟ ଜ୍ଞାନ ପରମ୍ପରାର ମୂଳ ଉତ୍ସ ବୋଲି ଉଦ୍‌ବୋଧନ ଦେଇଥିଲେ। ଇସ୍ରୋ ବୈଜ୍ଞାନିକ ଡ. ଏସ୍. ସୋମନାଥଙ୍କ ବକ୍ତବ୍ୟକୁ ମନେପକାଇ ସଂସ୍କୃତ ସାହିତ୍ୟରେ ଥିବା ବୈଜ୍ଞାନିକ , ଦାର୍ଶନିକ ଓ ସମାଜିକ ତତ୍ତ୍ୱକୁ ଆଧାରକରି ଅଧ୍ୟୟନ ଓ ଗବେଷଣା କରି ଆଗକୁ ବଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ଡ. ଯୁଧିଷ୍ଠିର ସାହୁ ଯୋଗଦେଇ କହିଥିଲେ କି ସଂସ୍କୃତ ଭାଷାର ଭାଷା ବିଜ୍ଞାନ ଦୃଷ୍ଟିରୁ ଓ ବିଶ୍ୱକଲ୍ୟାଣ ନିମନ୍ତେ ଥିବା ତତ୍ତ୍ୱକୁ ବିଶ୍ୱଦରବାରରେ ଉପସ୍ଥାପନ କରିବାକୁ ସଂକଳ୍ପ ନେବା ଆବଶ୍ୟକ ହୋଇପଡ଼ିଛି।

## ଜିଲା ଟେବୁଲ ଟେନିସ ପ୍ରତିଯୋଗିତା ଉଦ୍‌ଯାପିତ

**ପୁରୀ, ୨୪।୯(ଅଜିତ ମହାନ୍ତି):** ପୁରୀ ଜିଲା ଟେବୁଲ ଟେନିସ୍ ଆସୋସିଏଶନ୍ ଆନୁକୂଲ୍ୟରେ ବାଲିଗୁଆଳିସ୍ଥିତ ଟେବୁଲ ଟେନିସ୍ ଏକାଡେମୀଠାରେ ଚାଲିଥିବା ଦୁଇଦିନିଆ ଟେବୁଲ ଟେନିସ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖେଳାଳି ଆଇନଜୀବୀ ଶ୍ରୀପ୍ରକାଶ ମିଶ୍ର ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ମୋଟ ୪୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲା କ୍ରୀଡ଼ା ଅଧିକାରୀ ରବୀନ୍ଦ୍ରନାଥ ସେନାପତି ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପୁରୁଷ ବିଭାଗରେ ଦିବ୍ୟଶକ୍ତି

### ଦିବ୍ୟଶକ୍ତି ମହାନ୍ତି ଚାମ୍ପିୟନ

ମହାନ୍ତି ଚାମ୍ପିୟନ ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟର ଜିଜ୍ଞାଂଶୁ ସାଇକିରଣ ପ୍ରଧାନ ଦ୍ୱିତୀୟ ସ୍ଥାନ ହାସଲ ସହ ୧୩ ବର୍ଷରୁ ଓ ୧୫ ବର୍ଷରୁ କମ୍ ବାଳକ ବିଭାଗରେ ଚାମ୍ପିୟନ ହୋଇଛନ୍ତି। ୧୧ ବର୍ଷରୁ କମ୍ ବାଳିକା ବିଭାଗରେ ଜିଲା ସ୍କୁଲର ଶ୍ରୀଜିତା ଚୌଧୁରୀ ଏବଂ ବାଳକ ବିଭାଗରେ ସେଣ୍ଟ ଜାଭିୟର ସ୍କୁଲର ପ୍ରତୀକ କୁମାର ମଲ୍ଲିକ୍ ଚାମ୍ପିୟନ ହୋଇଛନ୍ତି। ଅନ୍ତର୍ଜାତୀୟ ଟିଟି ଖେଳାଳି ଦେବଦତ୍ତ ମହାନ୍ତି ରେଫରି ଭାବେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଡ. କୁମାର ଆରୋଜ୍ୟୋତି ଓ ବିବେକାନନ୍ଦ ପ୍ରଧାନ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ଡ. ବିମଳ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଉକ୍ତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ପୁରୀ ଝିଅ ବର୍ଷା ପ୍ରିୟଦର୍ଶନୀଙ୍କ କମାଲ

**ପୁରୀ,୨୪।୯(ଅଜିତ ମହାନ୍ତି):** ଜାତୀୟ ସବ୍-ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍-୨୦୨୩ରେ ଭାଗନେଇ ଓଡ଼ିଶା ଦଳ ପାଇଁ ନୀତା ଫୁଟବଲ ଏକାଡେମୀ, ପୁରୀର ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ଜେନା ଓଡ଼ିଶା ପାଇଁ ସଫଳତା ଆଣିଛନ୍ତି। ଗତ ୧୫ ତାରିଖଠାରୁ କର୍ନାଟକର ବେଲଗାଓଁ ଜିଲାରେ ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏଥିରେ ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀମାନେ ଯୋଗଦାନ କରିଛନ୍ତି। ବର୍ଷା ଗୋଲକିପର ଭାବେ ସୁଚାରୁରୂପେ ଦାୟିତ୍ୱ ତୁଲାଇ ଓଡ଼ିଶାକୁ ବିଜୟ ମୁକୁଟ ପିନ୍ଧାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ନିଜ ଗ୍ରୁପରେ ସମସ୍ତ ମ୍ୟାଚକୁ ଜିତି ଓଡ଼ିଶାକୁ ଶ୍ରେଷ୍ଠ ଓ ଗୌରବମୟ କରିବାରେ ସେ ସକ୍ଷମ ହୋଇଛନ୍ତି। ସମସ୍ତ ମ୍ୟାଚରେ ପ୍ରତିପକ୍ଷ ଦଳ ଓଡ଼ିଶାକୁ ୨ଟି ଗୋଲ ଦେଇଥିବା ବେଳେ ଓଡ଼ିଶା ପ୍ରତିପକ୍ଷ ଦଳକୁ ୧୭ଟି

### ଜାତୀୟ ସବ୍‌ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍

ଗୋଲ ଦେଇଛି। ଓଡ଼ିଶା ଗ୍ରୁପର ଶୀର୍ଷସ୍ଥାନ ହାସଲ କରି ସେମିଫାଇନାଲରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଦିଲ୍ଲୀଠାରୁ ୨-୧ ଗୋଲରେ ପରାସ୍ତ ହୋଇଛି। ବର୍ଷାଙ୍କ ପିତା ଦୀନବନ୍ଧୁ ଜେନା ହୋମଗାର୍ଡ ଭାବେ କାର୍ଯ୍ୟରତ ଥିବା ବେଳେ ମା' ଜୟନ୍ତୀ ଜେନା ଗୃହିଣୀ। ବର୍ଷା ପୁରୀ ଜିଲା ସ୍କୁଲରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନରତ। ପୁରୀ ଜିଲା ସ୍କୁଲର ପ୍ରଧାନଶିକ୍ଷକ ଜ୍ୟୋତିର୍ମୟୀ ମିଶ୍ର, କ୍ରୀଡ଼ା ଶିକ୍ଷକ ରଞ୍ଜନ ରେଡ୍ଡୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ଆଥଲେଟିକ ଆସୋସିଏଶନର ସମ୍ପାଦକ ରବିଶଙ୍କର ପ୍ରତିହାରୀ, ନୀତା ଫୁଟବଲ ଏକାଡେମୀର ଚେୟାରମ୍ୟାନ ଇଂ. ସୁବ୍ରତ ଦାସ ପ୍ରମୁଖଙ୍କ ପକ୍ଷରୁ ବର୍ଷାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ୧୪୦୫ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ବିଧାୟକ

**ନିମାପଡ଼ା,୨୪।୯(ଡି.ଏନ.ଏ.):** ନିମାପଡା ପଞ୍ଚାୟତ ସମିତି ପକ୍ଷରୁ ନିମାପଡା ଟାଉନହଲ ଓ ସ୍ଥାନୀୟ ବ୍ଲକ୍ ଅଧୀନ ତୁଳସୀପୁର ଜୟଦେବ କଲ୍ୟାଣମଣ୍ଡପ ଠାରେ ପୃଥକ ଭାବେ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ନିମାପଡା ଟାଉନହଲଠାରେ ଆୟୋଜିତ ମେଳାରେ ଭିଲିଗ୍ରାମ, ଭୋଗଶାଳଦା, ମିଟେଇପୁର, ତେରଣ୍ଡିଆ ଡେଣ୍ଡୁଅଁ, ରଟିଲୋ, ଚଅଁରପଦା ଆଦି ୭ ପଞ୍ଚାୟତର ୭୫୯ ହିତାଧିକାରୀ ଓ ତୁଳସୀପୁର ଜୟଦେବ କଲ୍ୟାଣମଣ୍ଡପ ଠାରେ ଆୟୋଜିତ ମେଳାରେ କଳାପାଞ୍ଚଣ, ତୁଳସୀପୁର, ଭୋଦର, ତମ୍ପାଲୋ, ବାହାରେଣା, ଛଣିଜଙ୍ଗ ଆଦି ୬ ପଞ୍ଚାୟତର ୬୪୬ ହିତାଧିକାରୀଙ୍କୁ ବିଧାୟକ ସମୀର ରଞ୍ଜନ ଦାଶ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରିଥିଲେ। ଉଭୟଠାରେ ଆୟୋଜିତ ମେଳାରେ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନୁସୟା ମହାନ୍ତି,ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଅଶୋକ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ନାୟକ, ଅଜୟ ସ୍ୱାଇଁ, ଅତିରିକ୍ତ ବିଡିଓ ପ୍ରୀୟଦର୍ଶିନୀ ବରାଳ, ବ୍ଲକ୍ ସାମାଜିକ ସଭ୍ୟା ସୁରକ୍ଷା ଅଧିକାରୀ ପୂର୍ଣ୍ଣିମା ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ସଭ୍ୟମାନେ ଉପସ୍ଥିତ ଥିଲେ । ଆୟୋଜିତ ବିଭିନ୍ନ ଭତ୍ତାବଣ୍ଟନ ମେଳାରେ ନିମାପଡା ବ୍ଲକର ୩୨ଟି ପଞ୍ଚାୟତର ମୋଟ ୩ହଜାର ୧୫୦ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିବା ବିଧାୟକ ଦାଶ ସୂଚନା ଦେଇଛନ୍ତି।




ଜଣେ ହିତାଧିକାରୀଙ୍କୁ ବିଧାୟକ ସମୀର ରଞ୍ଜନ ଦାଶ ଭତ୍ତା ବଣ୍ଟନ କରୁଛନ୍ତି ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଗୋପ,୨୪।୯(ଭାରତୀ ଭୂଷଣ ଉପାଧ୍ୟାୟ):** କ୍ରୀଡ଼ା ପ୍ରତିଯୋଗିତା ଦ୍ୱାରା ଶରୀର ଗଠନ ବୃଦ୍ଧି ହେବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକତା ସୃଷ୍ଟିର ବାର୍ତ୍ତା ବହନ କରିଥାଏ ବୋଲି ଶନିବାର ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନ ଅବସରରେ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଲ କୁମାର ବ୍ରହ୍ମା କହିଛନ୍ତି। ଏହି ପ୍ରତିଯୋଗିତାରେ ୩୩ଟି ସ୍କୁଲର ୩୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଖୋ ଖୋ, କବାଡ଼ି ଓ ଫୁଟବଲ ଖେଳରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିବା ବେଳେ ଶନିବାର ଖୋଖୋ ଓ କବାଡି ପ୍ରତିଯୋଗିତାରେ ୮୪ଜଣ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ତେବେ ରବିବାର ହେବାକୁ ଥିବା ଫୁଟବଲ ଖେଳରେ ୧୩ ଜଣ ମନୋନୀତ ହେବେ ବୋଲି ଖେଳ ଶିକ୍ଷକ ଏସ୍.ଏମ୍.ଗିଲମନନ ଓ ବ୍ଲକ କ୍ରୀଡ଼ା ସଙ୍ଗଠନର ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, କ୍ରୀଡ଼ା ଶିକ୍ଷକ ଜୟନ୍ତ କୁମାର ରାୟ, କପିଳେନ୍ଦ୍ର ନାୟକ, ସୌଦାମିନୀ ଦାଶ, ଲୋକନାଥ ବେହେରା, ଶ୍ରୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

## କ୍ଲବ ଗୃହ ଉଦ୍‌ଘାଟନକୁ ନେଇ ବିଧାୟକଙ୍କୁ ବିରୋଧ

### କଳାପତାକା ପ୍ରଦର୍ଶନ, କୁଶପୁତ୍ତଳିକା ଦାହ

**ଗୋପ,୨୪।୯(ଭାରତୀ ଭୂଷଣ ଉପାଧ୍ୟାୟ):** ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଦପୁର ପଞ୍ଚାୟତର ବେଦପୁର ଗ୍ରାମରେ ନିର୍ମାଣ ହୋଇଥିବା କ୍ଲବ ଗୃହ ଉଦ୍‌ଘାଟନ କରିବାକୁ ଯାଇଥିବା ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ବିରୋଧ କରାଯାଇଛି। ଏପରିକି ଗ୍ରାମର କେତେଜଣ ଯୁବକ, ଭାଜପା ଓ କଂଗ୍ରେସ କର୍ମୀମାନେ କଳାପତାକା ପ୍ରଦର୍ଶନ କରିବା ସହ କୁଶପୁତ୍ତଳିକା ଦାହ କରିଥିଲେ। ପ୍ରକାଶ ଯେ, ବେଦପୁର ଗ୍ରାମରେ କ୍ଲବ ଗୃହ ନିର୍ମାଣକୁ ନେଇ ଦୁଇ ଯୁବଗୋଷ୍ଠୀ ମଧ୍ୟରେ କନ୍ଦଳ ଲାଗି ରହିଥିଲା। ଗ୍ରାମରେ ହୋଇଥିବା ଦୁଇଟି କ୍ଲବ ଗୃହ ଉଦ୍‌ଘାଟନ କରିବାକୁ ରବିବାର ବିଧାୟକ ଦାଶଙ୍କ କାର୍ଯ୍ୟକ୍ରମ ରହିଥିଲା। ତେବେ ଗ୍ରାମ ନିକଟରେ ପହଞ୍ଚିବା ପରେ ଗ୍ରାମର କେତେଜଣ ଯୁବକ, ଭାଜପା କର୍ମୀମାନେ ବିରୋଧ କରିବା ସହ କଳାପତାକା ପ୍ରଦର୍ଶନ କରିଥିଲେ। ଏପରିକି ବିଧାୟକଙ୍କ କୁଶପୁତ୍ତଳିକା ଦାହ ମଧ୍ୟ କରିଥିଲେ। ପୋଲିସ ପହଞ୍ଚି ଯୁବକମାନଙ୍କୁ ବୁଝାଶୁଝା କରିବା ସହ ଅଟକାଇବା ପରେ ବିଧାୟକ ଦାଶ କ୍ଲବ ଗୃହ ଉଦ୍‌ଘାଟନ କରିଥିବା ଜଣାପଡ଼ିଛି।



କ୍ଲବ ଗୃହ ଉଦ୍‌ଘାଟନ ପାଇଁ ବିଧାୟକ ସମୀର ରଞ୍ଜନ ଦାଶ ଯିବା ସମୟରେ ବିରୋଧ ପ୍ରଦର୍ଶନକାରୀଙ୍କୁ ପୋଲିସ ଅଟକାଇଛି ।





କଟକ ରୋଡ୍‌ର ବମିଖାଲ ଓଭରବ୍ରିଜ୍ ତଳ ରାସ୍ତାରେ ଦୀର୍ଘଦିନ ହେବ ରହିଥିବା ଖାଲ। ଶନିବାର ରାତିରେ ଏଠାରେ କାର ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଡାକ୍ତରଙ୍କ ଜୀବନ ଯାଇଥିଲା। ଏଥିସହ ଉକ୍ତସ୍ଥାନର ଅପରପାର୍ଶ୍ୱ ରାସ୍ତା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ବଡ଼ବଡ଼ ଖାଲଖମା ମୃତ୍ୟୁର ଆଁ ମେଲି ରହିଛି। (ଫଟୋ: ବିକାଶ ନାୟକ)

# ପାର୍ବଣରେ ରାଜଧାନୀ ରାସ୍ତାର ଶୋଚନୀୟ ସ୍ଥିତି

ଭୁବନେଶ୍ୱର, ୨୪।୯ (ବନ୍ଦନା ସେଠୀ)

ସ୍ମାର୍ଟସିଟି ଭୁବନେଶ୍ୱରର ରାସ୍ତାଘାଟ ଏବେ ଖାଲଖମାରେ ଭର୍ତ୍ତି ହୋଇପଡ଼ିଛି। ଗଳି ରାସ୍ତା ହେଉ ଅବା ମୁଖ୍ୟ ରାସ୍ତା, ସବୁଆଡେ ରାସ୍ତାକୁ ଖୋଳିତାଡ଼ି ଛାଡ଼ି ଦିଆଯାଉଛି। ବିଭିନ୍ନ ସ୍ଥାନରେ ରାସ୍ତା ଖଣ୍ଡିଆ ଖାବରା ହୋଇ ରହିଥିଲେ ମଧ୍ୟ ମରାମତି ହେଉ ନ ଥିବାରୁ ବର୍ଷା ପାଣି ଜମି ବଡ଼ ବଡ଼ ଗାତ ସୃଷ୍ଟି ହେଲାଣି। ପ୍ରତିଦିନ ସହରବାସୀ ହଇରାଣ ହୋଇ ଯିବା ଆସିବା କରୁଥିବାବେଳେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଶନିବାର ବିଳମ୍ବିତ ରାତିରେ କଟକ ରୋଡ୍‌ର ବମିଖାଲ ଓଭରବ୍ରିଜ୍ ତଳ ରାସ୍ତାରେ ଥିବା ଖାଲଖମାରେ ଜଣେ ଯୁବ ଡାକ୍ତରଙ୍କ କାର୍ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। କାର୍‌ଟି ଭାରସାମ୍ୟ ହରାଇ ବ୍ରିଜ୍‌ରେ ପିଟି ହୋଇଯିବାରୁ ଅମିତ ବିଶୋଇଙ୍କ ମୃତ୍ୟୁ ହୋଇଥିଲା। କେବଳ ଏହି ଗୋଟିଏ ଘଟଣା ନୁହେଁ, ସହରରେ ଏଭଳି ଖାଲଖମାପୂର୍ଣ୍ଣ ଅନେକ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ମାତ୍ର ଏତେ ପରେ ବି ବିଏମ୍‌ସି କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ଓ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ କେହି ଚେତୁ ନାହାନ୍ତି। ଫଳରେ ସହରବାସୀଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଥିବାବେଳେ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ଏବେ ପାର୍ବଣ ଋତୁ ଚାଲିଥିବାରୁ ଟ୍ରାଫିକ୍ ସମସ୍ୟା ଲାଗି ରହିବା ସହ ରାସ୍ତାଘାଟର ଶୋଚନୀୟ ଅବସ୍ଥା ଲୋକଙ୍କୁ ହନ୍ତସନ୍ତ କରୁଛି। ଏହାର ସମାଧାନ ପାଇଁ ଅଗଷ୍ଟ ୮ରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସମସ୍ତ ବିଭାଗ ସହ ସମନ୍ୱୟ ବୈଠକ ଡାକି କେଉଁ ୱାର୍ଡର କେଉଁ କେଉଁ ସ୍ଥାନରେ କେତେ ଖାଲଖମା ରହିଛି ତାହାର ତାଲିକା ପ୍ରସ୍ତୁତ କରି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେପ୍ଟେମ୍ବରରେ ଏହାର କାମ ଆରମ୍ଭ କରାଯିବ ବୋଲି କହିଥିଲେ। ମାତ୍ର ସେପ୍ଟେମ୍ବର ସରିବାକୁ ବସିଥିଲେ ବି ଏଯାଏ ମରାମତି କାମ ଆରମ୍ଭ ହେବା ଦୂରର କଥା ଟେଣ୍ଡର ମଧ୍ୟ ଠିକ୍ ଭାବେ ହୋଇପାରି ନାହିଁ। ପୁଣି ଅକ୍ଟୋବର ଆରମ୍ଭରୁ ବଡ ବର୍ଷା ଥିବା ପାଣିପାଗ ବିଭାଗ ଆକଳନ କରିଥିବାବେଳେ ରାସ୍ତା ମରାମତି କାମ କିଭଳି କରାଯିବ ସେ ନେଇ ଭାଳେଣି ପଡିଛି। ସହରରେ ୧ଶହରୁ ଊର୍ଦ୍ଧ୍ୱ ସ୍ଥାନରେ ମା'ଙ୍କର ପୂଜା ହେଉଥିବାବେଳେ ଏଥିପାଇଁ ରାଜଧାନୀରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇ ଗଲାଣି। ତେବେ ସହରର ଅନ୍ୟ ଅଞ୍ଚଳର ରାସ୍ତାଘାଟ ଭଳି ପୂଜା ମଣ୍ଡପଗୁଡିକ ନିକଟରେ ମଧ୍ୟ ଖାଲଖମା ଭର୍ତ୍ତି ହୋଇ ରହିଛି। ଏହାର ମରାମତି କେବେ ହେବ ସେ ନେଇ ପୂଜା ମଣ୍ଡପ କର୍ତ୍ତୃପକ୍ଷ ଚିନ୍ତାରେ ଅଛନ୍ତି। ବରମୁଣ୍ଡା, ହେଉ ଅବା ବମିଖାଲ, ଝାରପଡ଼ା, ନୟାପଲ୍ଲୀ, ବଡ଼ଗଡ଼, ଭିଏସ୍‌ଏସ୍ ନଗର ସବୁ ପୂଜା ମଣ୍ଡପ ନିକଟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଏଭଳି କ୍ଷେତ୍ରରେ ଶ୍ରଦ୍ଧାଳୁମାନେ କିଭଳି ସୁରକ୍ଷିତ ଭାବେ ମଣ୍ଡପକୁ ଆସି ମା'ଙ୍କ ଦର୍ଶନ କରିବେ ତାହା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଏନେଇ ବରମୁଣ୍ଡା ଦୁର୍ଗାପୂଜା କମିଟି ସଭାପତି ତଥା କର୍ପୋରେଟର ରାମଚନ୍ଦ୍ର ରଣସିଂହ କହିଛନ୍ତି, ବରମୁଣ୍ଡା ପୂଜା ମଣ୍ଡପ ନିକଟରେ ଖାଲଖମା ଭରି ରହିଛି। ମାତ୍ର ଏ ଯାଏ ବିଏମ୍‌ସି ପକ୍ଷରୁ ମରାମତି ଆରମ୍ଭ ହୋଇପାରି ନାହିଁ। କେବେ ବିଏମ୍‌ସି ଏଥିପାଇଁ ଟେଣ୍ଡର ଡାକିବ କେବେ କାମ ଆରମ୍ଭ ହେବ ତାହା ଅନିଶ୍ଚିତତା ଭିତରେ ରହିଛି। ପୁଣି ଆଗକୁ ବର୍ଷା ଥିବାବେଳେ ପୂଜା ପୂର୍ବରୁ କାମ ସରିବା ନେଇ ଆଶଙ୍କା ଦେଖାଦେଉଛି।



ଖାଲଖମାପୂର୍ଣ୍ଣ ଝାରପଡ଼ା-ଜିଜିପି କେନାଲ ରୋଡ୍‌ରେ ଲୋକମାନେ ପାଣିକାଦୁଅରେ ପଶି ଯାତାୟାତ କରୁଛନ୍ତି।

## ହେଉନି ମରାମତି

ସେହିପରି ପୂର୍ବବର୍ଷଗୁଡିକରେ ମଣ୍ଡପ ଆଖପାଖ ରାସ୍ତା ମରାମତି ପାଇଁ ବିଏମ୍‌ସି ୫ଲକ୍ଷଟଙ୍କା ପ୍ରତି ୱାର୍ଡକୁ ଦେଉଥିଲା। ମାତ୍ର ଏଥର ତାହା ବନ୍ଦ କରି ଦେଇଛି। ପୂଜା ମଣ୍ଡପ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇ ନ ଥିବାରୁ ନିକଟରେ ଥିବା ମାଟି ରାସ୍ତାରେ କାଦୁଅ ପଙ୍କ ଜମି ରହିବ। କେବେ ସହରର ସମସ୍ତ କଚ୍ଚା ରସ୍ତା ପକ୍କା ହେବ ଆଉ ମଣ୍ଡପ ନିକଟ ମାଟି ରାସ୍ତାର ରୂପ ବଦଳିବ ତାହା ମଧ୍ୟ ସ୍ୱପ୍ନ ହୋଇ ରହିଛି। ଝାରପଡ଼ା ଦୁର୍ଗାପୂଜା କମିଟିର ଆବାହକ ତଥା କର୍ପୋରେଟର ଶ୍ରୀଧର ଜେନା କହିଛନ୍ତି, କର୍ପୋରେଶନରେ ଏନେଇ ଆଲୋଚନା ହୋଇଥିଲା। ଆର୍‌ଆଣ୍ଡ୍‌ବିକୁ ତା' ଅଧୀନରେ ଥିବା ସମସ୍ତ ରାସ୍ତାର ମରାମତି ପୂଜା ପୂର୍ବରୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହରର ଏଭଳି ଅବସ୍ଥା ପାଇଁ ଟାଟା ପାୱାର ଏବଂ ସ୍ୱେରେଜ୍ ବିଭାଗ ମୁଖ୍ୟତଃ ଦାୟୀ। ତେବେ ସହରର ବଡ଼ ରାସ୍ତାଗୁଡିକ ଦୁର୍ଗାପୂଜା ପରେ ନିର୍ମାଣ ହେବାକୁ ଥିବାବେଳେ ବର୍ଷା ଛାଡିବା ପରେ ତୁରନ୍ତ ଛୋଟମୋଟ କାମ କରାଯିବ। ଏନେଇ ବିଏମ୍‌ସି କମିଶନର କୁଲାଙ୍ଗେ କହିଛନ୍ତି, ଫାଇଲ୍ ଦେଖିବା ପରେ ଟେଣ୍ଡର ହୋଇଛି କି ନାହିଁ କହିବି। ଏବେ ସହରରେ ଥିବା ମାଟିରାସ୍ତା ଓ ପକ୍କା ରାସ୍ତାର ସର୍ଭେ ଚାଲିଛି। ଖୁବ୍‌ଶୀଘ୍ର ଟେଣ୍ଡର ହୋଇ କାମ ଆରମ୍ଭ ହେବ। ତେବେ ପୂଜା ପୂର୍ବରୁ କାମ ସରିବା ନେଇ ପ୍ରୟାସ କରାଯାଉଥିବା କୁଲାଙ୍ଗେ ସୂଚନା ଦେଇଛନ୍ତି।

# ବମିଖାଲ ରାସ୍ତା ମରଣଯନ୍ତା



ବମିଖାଲ ରାସ୍ତାରେ ରହିଥିବା ମୁକୁଳା ଡ୍ରେନ।

କଟକ ରୋଡ୍‌ର ବମିଖାଲ ଓଭରବ୍ରିଜ୍ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଲକ୍ଷ୍ମୀସାଗରଠାରୁ ରସୁଲଗଡ଼ ଆଡକୁ ଯିବାବେଳେ ଓଭରବ୍ରିଜ୍ ତଳ ରାସ୍ତାରେ ୱାଟ୍‌କୋ ପକ୍ଷରୁ ବହୁଦିନ ଧରି କାମ ଚାଲିଛି। ପୂର୍ବରୁ ସମ୍ପୃକ୍ତ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯିବା ସହ ୱାଟ୍‌କୋ ପକ୍ଷରୁ ଏକ ସୂଚନା ବୋର୍ଡ ରଖାଯାଇଥିଲା। ଲୋକେ ବମିଖାଲ ଓଭରବ୍ରିଜ୍ ଦେଇ ଯିବାଆସିବା କରୁଥିଲେ। କାମ କିଛିବାଟ ଆଗେଇବା ପରେ ରାସ୍ତାକୁ ଅଧା ଖୋଲାଯାଇଥିଲା। କେବଳ ପଥଚାରୀ ଓ ଦୁଇଚକିଆ ଯାନ ହିଁ ଯାତାୟାତ କରୁଥିଲା। ଗତ ୩/୪ଦିନ ହେବ ରାସ୍ତା ବନ୍ଦ ରଖିବା ପାଇଁ ଥିବା ବୋର୍ଡଟିକୁ ଓଭରବ୍ରିଜ୍ ଆଡକୁ ଘୁଞ୍ଚାଇ ଦିଆଯାଇଛି। ଏବେ ସେହି ରାସ୍ତା ଦେଇ ଦୁଇ ଓ ଚାରି ଚକିଆ ଯାନ ମଧ୍ୟ ଯାତାୟାତ କରୁଛି। ଏଥିସହ ଓଭରବ୍ରିଜ୍

### କାମ ସାରୁନି ୱାଟ୍‌କୋ, ବିପଦ ସଙ୍କୁଳ ଅବସ୍ଥାରେ ଯାତାୟାତ

କଡରେ ଚାରି ଚକିଆ ଯାନ ମଧ୍ୟ ପାର୍କିଂ ହୋଇ ରହିଛି। ତେବେ ସମ୍ପୃକ୍ତ ରାସ୍ତାରେ ଖାଲଖମା ସହ କେତେକ ସ୍ଥାନରେ ମାଟି ଗଦା ହୋଇରହିଛି। ପୁଣି ଖୋଲା ଡ୍ରେନ୍ ବିପଦ ଡାକୁଛି। ଗାଡିମୋଟର ଯିବା ସମୟରେ ଡ୍ରୋଜର ଲଗାଇ ମାଟି ସମାନ କରାଯାଉଥିବା ଦେଖାଯାଇଛି। ଅପରପକ୍ଷେ ଦୀର୍ଘଦିନ ଧରି କାମ ପାଇଁ ରାସ୍ତା ବନ୍ଦ କରାଯାଇଥିଲେ ବି ଆଖି ଦୃଶିଆ କାମ ହୋଇପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ସେହିଭଳି ବଡ଼ଗଡ଼, ରସୁଲଗଡ ସମେତ ବିଭିନ୍ନ ଅଞ୍ଚଳରେ ବିକାଶ ନାମରେ ରାସ୍ତାକୁ ବିକୃତ କରାଯାଉଥିବା ଦେଖିବାକୁ ମିଳୁଛି।

ରସୁଲଗଡ଼ ଛକ ନିକଟ।



# ରଙ୍ଗ୍ ରୁଟ୍‌ରେ ଯାଉଥିବା ୧୦୨ ଗାଡ଼ି ଜବତ



ଟ୍ରାଫିକ୍ ଥାନା ପରିସରରେ ରହିଥିବା ଜବତ ଗାଡି।

ଭୁବନେଶ୍ୱର,୨୪।୯
(ସୂର୍ଯ୍ୟକାନ୍ତ ବେହେରା)

ରଙ୍ଗ ରୁଟ୍‌ରେ ଗାଡି ଚଳାଇବା ଯୋଗୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ସହ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେଉଛି। ଏହା ବେଆଇନ ହୋଇଥିଲେ ମଧ୍ୟ କଟକଣାକୁ ଅଧିକାଂଶ ମାନୁନାହାନ୍ତି। ଏହି ଅମାନିଆଙ୍କ ବିରୋଧରେ ଏଣିକି କମିଶନରେଟ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ରବିବାର ଟ୍ରାଫିକ ଥାନା-୧ ଏବଂ ୨ ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍ କରାଯାଇଥିଲା। ଟ୍ରାଫିକ ନିୟମ ଉଲ୍ଲଂଘନ କରି ରଙ୍ଗ ରୁଟ୍‌ରେ ଡ୍ରାଇଭିଂ କରୁଥିବା ଖିଲାପକାରୀଙ୍କଠାରୁ ମୋଟ ୧୦୨ଟି ମୋଟରସାଇକେଲକୁ ଜବତ କରାଯାଇଛି। ଜବତ ବାଇକ୍‌କୁ ଟ୍ରାଫିକ୍ ଥାନାରେ ରଖାଯିବା ସହ ଏନେଇ କୋର୍ଟରେ ପ୍ରୋସିକ୍ୟୁଶନ ରିପୋର୍ଟ ଦାଖଲ କରାଯାଇଛି। ଏଥିସହ ଟ୍ରାଫିକ ନିୟମ ଉଲ୍ଲଂଘନ କରନ୍ତୁ ନାହିଁ ଓ ସର୍ବଦା ଟ୍ରାଫିକ ନିୟମକୁ ପାଳନ କରନ୍ତୁ ବୋଲି ଟ୍ରାଫିକ ଏସିପି ଜୟନ୍ତ ଦୋରା ଲୋକଙ୍କୁ ଅପିଲ କରିଛନ୍ତି।

# ଖଣ୍ଡା ବୁଲାଇ ଆତଙ୍କ ଖେଳାଇବା ଘଟଣା, ଆଉ ୨ ଗିରଫ

ଭୁବନେଶ୍ୱର,୨୪।୯
(ସୂର୍ଯ୍ୟକାନ୍ତ ବେହେରା)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଧଉଳି ଥାନା ଅଞ୍ଚଳରେ ଅଗଷ୍ଟ ୨୭ ରେ ଖଣ୍ଡା ଓ ଲୁହା ରଡ ଧରି ଆତଙ୍କ ଖେଳାଇବା ଘଟଣାରେ ପୋଲିସ ଆଉ ୨ଜଣଙ୍କୁ ଗିରଫ କରି ରବିବାର ଜେଏମ୍‌ଏଫ୍‌ସି-୫ କୋର୍ଟକୁ ଚାଲାଣ କରିଛି। ସେମାନେ ହେଲେ ଶିଶୁପାଳଗଡର ଉତ୍ତମ ମହାପାତ୍ର ଓ ନାଥପୁରର ସୌମ୍ୟରଞ୍ଜନ ସାହୁ। ସେମାନଙ୍କଠାରୁ ଖଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହାକୁ ମିଶାଇ ଏହି ମାମଲାରେ ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଅପରପକ୍ଷେ ଘଟଣା ଦିନ ଅଭିଯୁକ୍ତଦ୍ୱୟ ସ୍ଥାନୀୟ ଅଞ୍ଚଳରେ ଜଣେ ଦୋକାନୀକୁ ଆକ୍ରମଣ ଉଦ୍ୟମ କରିବା ସହ ତାଙ୍କ ଦୋକାନରୁ ଟଙ୍କା ଓ କିଛି ଜିନିଷ ନେଇ ଫେରାର ହୋଇଯାଇଥିବା ତଦନ୍ତ ବେଳେ ଜଣାପଡିଛି। ଅଭିଯୁକ୍ତଙ୍କ ନାମରେ ଲିଙ୍ଗରାଜ ଓ ଧଉଳି ଥାନାରେ ୧୪ଟି ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

# ଭୁଶୁଡ଼ିପଡ଼ିଲା ପଥର ପ୍ୟାକିଂ

ବାରଙ୍ଗ,୨୪।୯(ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ଅନ୍ତର୍ଗତ ଦାଢାପାଟଣା ପଞ୍ଚାୟତର ପଞ୍ଚୁପାଳଗାଁ ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧର ଗୋଟିଏ ପାର୍ଶ୍ୱରୁ ପଥର ଭୁଶୁଡିବା ଆରମ୍ଭ ହୋଇଛି। ଏହାକୁ ମରାମତି କରା ନ ଗଲେ ବାରଙ୍ଗ ବ୍ଲକ ଗଡାଠାରୁ ପ୍ରତାପନଗରୀକୁ ସଂଯୋଗ କରୁଥିବା ଏହି କେନାଲବନ୍ଧ ପ୍ରତି ବିପଦ ସମ୍ଭାବନା ଦେଖାଦେଇଛି। ସୂଚନା ମୁତାବକ, ଅପରାହ୍ନରେ ପୁରୀ ମୁଖ୍ୟ କେନାଲର ପଞ୍ଚୁପାଳ ନିକଟରେ କେନାଲର ଉତ୍ତର ପାର୍ଶ୍ୱରେ ହୋଇଥିବା ପଥର ପ୍ୟାକିଂର କେତେକଅଂଶ ଭୁଶୁଡ଼ି କେନାଲ ମଧ୍ୟକୁ ଖସିପଡିଛି। ପଥର ପ୍ୟାକିଂ ଭୁଶୁଡିବା ଦ୍ୱାରା କେନାଲବନ୍ଧ ପ୍ରତି ବିପଦ ଦେଖାଦେଇଛି। ଏହି କେନାଲବନ୍ଧ ରାସ୍ତା ଦେଇ ବାରଙ୍ଗ ଅଞ୍ଚଳର ବହୁ ଗ୍ରାମବାସୀ ଯାତାୟାତ କରିଥାନ୍ତି। ଏଥିସହ ପ୍ରତାପନଗରୀ ବ୍ରିଜ ହୋଇଯିବା ପରେ ଏହି କେନାଲବନ୍ଧ ରାସ୍ତାରେ ସବୁ ସମୟରେ ଯାନବାହନ ଚଳାଚଳ କରିଥାଏ। ତୁରନ୍ତ ଏହାର ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।



ପୁରୀ ମୁଖ୍ୟ କେନାଲ ବନ୍ଧର ଗୋଟିଏ ପାର୍ଶ୍ୱରୁ ପଥର ପ୍ୟାକିଂ ଭୁଶୁଡ଼ି ପଡ଼ିଛି।

